# ମଣ୍ଡି ବାହାରେ ପଡ଼ିରହିଛି ୭୦ହଜାର କୁଇଣ୍ଟାଲ ଧାନ

- ବର୍ଷାରେ ଭିଜି ଗଜା ମାରିଲାଣି
- ମିଲର ଧାନ ଉଠାଉ ନ ଥିବା ଅଭିଯୋଗ
- ଧାନ ବିକ୍ରି ପ୍ରାପ୍ୟ ପାଇବାରୁ ବଞ୍ଚିତ ଚାଷୀ

ତିହିଡ଼ି,୧୦।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକରେ ବିଭିନ୍ନ ମଣ୍ଡି ବାହାରେ ୭୦ ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନବସ୍ତା ଗଦା ହୋଇ ରହିଛି। ଗତ କିଛିଦିନ ହେଲା ନିୟମିତ ହେଉଥିବା ବର୍ଷାରେ ଭିଜି ଧାନ ଗଜା ମାରିଲାଣି। ଧାନବସ୍ତା ସବୁକୁ ସୁରକ୍ଷିତ ରଖିବାକୁ ମଣ୍ଡି କର୍ତ୍ତୃପକ୍ଷ ନୟାନ୍ତ ହୋଇପଡ଼ିଲେଣି। ମିଲରମାନେ ନିୟମିତ ଧାନ ଉଠାଉ ନ ଥିବାରୁ ଏପ୍ରକାର ପରିସ୍ଥିତି ଉପୁଜିଥିବା ବେଳେ ଧାନ ବିକ୍ରି ଶତାଧିକ ଚାଷୀ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଏନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଚଳିତବର୍ଷ ମାର୍ଚ୍ଚ ୩୧କୁ ଖରିଫ ଧାନ ସଂଗ୍ରହର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏଥିଯୋଗୁ ବିଭିନ୍ନ ଅଞ୍ଚଳରେ ବହୁ ଚାଷୀ ଧାନ ବିକିବାରୁ ବଞ୍ଚିତ ହେଉଥିବା ଜଣାଯିବା ପରେ ସମୟସୀମା ୭ ଦିନ ବଢ଼ାଇ ଦିଆଯାଇଥିଲା। ଏହାଦ୍ୱାରା ସମସ୍ତ ଚାଷୀ ମଣ୍ଡିରେ ଧାନ ବିକିବାକୁ ସକ୍ଷମ ହୋଇଥିଲେ। ତେବେ ମିଲରମାନେ ଧାନ ଉଠାଉ ନ ଥିବାରୁ ସେମାନେ ଏଯାଏ ପ୍ରାପ୍ୟ ପାଇ ନ ପାରି ନିଜର ଗୁଜୁରାଣ ମେଣ୍ଟାଇବା ଏବଂ ହାତ ଉଧାରି ଶୁଝିବା ନେଇ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି। ବାମନବିନ୍ଧା ମଣ୍ଡିରେ ଖୋଲା ଆକାଶ ତଳେ ୧୪ ହଜାର କୁଇଣ୍ଟାଲ ଧାନ ବସ୍ତା ପଡ଼ିରହିଛି। ଏହି ମଣ୍ଡି ସହ ବାହାବଳପୁର ପଞ୍ଚାୟତ ଟ୍ୟାଗ୍ ହୋଇଥିବାରୁ ସେଠାକାର ଚାଷୀଙ୍କଠାରୁ ମଧ୍ୟ ଧାନ ସଂଗ୍ରହ କରାଯାଇଛି। ଏହି ପରିପ୍ରେକ୍ଷୀରେ ମିଲରମାନେ ନିୟମିତ ଧାନ ଉଠାଉ ନ ଥିବାରୁ ମଣ୍ଡି ବାହାରେ ଧାନ ବସ୍ତା ସବୁ ଗଦା ହୋଇ ବର୍ଷାରେ ଭିଜୁଥିବା ସମିତି ସମ୍ପାଦକ ପ୍ରଭାତ ବେହେରା କହିଛନ୍ତି। ସେହିପରି ଶ୍ୟାମସୁନ୍ଦରପୁର ମଣ୍ଡିରେ ୬ ହଜାର କୁଇଣ୍ଟାଲ ଧାନବସ୍ତା ପଡ଼ି ରହିଥିବା ବେଳେ ୨ ହଜାର ବସ୍ତା ବର୍ଷାରେ ଭିଜିଥିବା ସମ୍ପାଦକ କାଳନ୍ଦୀ ଚରଣ ଦାସ ପ୍ରକାଶ କରିଛନ୍ତି। ଏହାବ୍ୟତୀତ ମଙ୍ଗଳପୁର ମଣ୍ଡିରେ ୭୦୦୦ କୁଇଣ୍ଟାଲ, ଅଣ୍ଡରାଇ ମଣ୍ଡିରେ ୫୦୦୦, ଜାମଯୋଡ଼ିରେ ୮୦୦୦, ଗାନ୍ଧୀନଗରରେ ୮୫୦୦, ଚାରିତରଫରେ ୩୮୦୦, ଅମୃତପୁରରେ ୫୫୦୦, ସିନ୍ଦୋଳସ୍ଥିତ ଲକ୍ଷ୍ମୀନାରାୟଣ ଏସ୍‌ଏଚ୍‌ଜିରେ ୮୦୦୦, ହରସିଂହପୁର ମା' ସରସ୍ୱତୀ ଏସ୍‌ଏଚ୍‌ଜିରେ ୫୦୦୦, ପାଳିଆବିନ୍ଧା ଓ ନିଶ୍ଚିନ୍ତପୁର ସମିତି ମଣ୍ଡିରେ ୨୨୦୦ କୁଇଣ୍ଟାଲ ଲେଖାଏ ଧାନବସ୍ତା ଗଦା ହୋଇ ରହିଥିବା ସମିତି ଓ ଏସ୍‌ଏଚ୍‌ଜି କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି। ଏସବୁ ମଣ୍ଡିରେ ଗୋଦାମ ଗୃହ ନ ଥିବାରୁ ଧାନବସ୍ତା ସବୁକୁ ବାହାରେ ରଖାଯାଇଥିଲା। ବର୍ଷା ଆଶଙ୍କାରେ ମଣ୍ଡି କର୍ତ୍ତୃପକ୍ଷ ଧାନବସ୍ତା ଗଦା ଉପରେ ପାଲ ଟାଣିଥିଲେ ବି ବର୍ଷାରେ ବହୁ ଧାନ ବସ୍ତା ଭିଜିଯାଇଥିଲା। ଶତାଧିକ ବସ୍ତାରେ ଧାନ ଗଜା ମାରିଥିବାରୁ ମଣ୍ଡି ପକ୍ଷରୁ ମଜୁରିଆ ଲଗାଯାଇ ଧାନକୁ ଖରାରେ ଶୁଖାଯାଉଛି। ଏଥିପାଇଁ ସେମାନେ ନୟାନ୍ତ ହୋଇପଡ଼ିଲେଣି। ମିଲରମାନେ ତୁରନ୍ତ ଧାନବସ୍ତା ସବୁ ଉଠାଇବାବାକୁ ସମିତି ସମ୍ପାଦକ ମନୋରଞ୍ଜନ ବଳ, ରାଜେନ୍ଦ୍ର ବେହେରା, ସଞ୍ଜୟ ନାୟକ, ଗୀତାଞ୍ଜଳି ଦାସ, ଅଚ୍ୟୁତ ମହାନ୍ତି, ଶଙ୍କର୍ଷଣ ଜେନା, ମଧୁସୂଦନ ବେହେରା, ଏସ୍‌ଏଚ୍‌ଜି ସଭାନେତ୍ରୀ ଅନ୍ନପୂର୍ଣ୍ଣା ସାହୁ, ସମ୍ପାଦିକା ସ୍ୱର୍ଣ୍ଣଲତା ବାରିକ ପ୍ରମୁଖ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲଙ୍କୁ ପଚାରିବାରୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ସେ ସମସ୍ୟା ବାବଦରେ ସୂଚନା ଦେଇ ମିଲରମାନେ ତୁରନ୍ତ କିପରି ଧାନ ଉଠାଇବେ, ସେ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି।


ବାମନବିନ୍ଧା ମଣ୍ଡିରେ ଗଦା ହୋଇ ବର୍ଷାରେ ଭିଜିଥିବା ଧାନବସ୍ତା।

# 'ଶିକ୍ଷା ପୃଥିବୀକୁ ପରିବର୍ତ୍ତନ କରିଦେଇପାରେ'


ଅତିଥିମାନେ ଟିଲୋ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରୁଛନ୍ତି।

ବନ୍ତ,୧୦।୪(ହରିନାରାୟଣ ମହାନ୍ତି)

ଶିକ୍ଷା ଏମିତି ଏକ ଅସ୍ତ୍ର ଚାହିଁଲେ ନିମିଷକେ ପୃଥିବୀକୁ ପରିବର୍ତ୍ତନ କରିଦେଇପାରେ ବୋଲି ଶୁକ୍ରବାର ବନ୍ତ ବ୍ଲକ ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ବିଧାନସଭା ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ଉଦ୍‌ଘାଟକ ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ଛାତ୍ରୀଛାତ୍ର ନିଜର ସ୍ୱାଭିମାନ ଓ ସମ୍ମାନକୁ ଜଳାଞ୍ଜଳି ଦେଇ କୌଣସି କାର୍ଯ୍ୟ ନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ବିଡିଓ ସୀତାକାନ୍ତ ରାଉତ, ସରପଞ୍ଚ ସଂଗ୍ରାମ କେଶରୀ ଜେନା, ପୁରାତନ ଛାତ୍ରସଂସଦ ସଭାପତି ନରୋତ୍ତମ ସ୍ୱାଇଁ, ସମ୍ପାଦକ ଡ.ମନ୍ମଥ ରାଉଳ, ବିଇଓ ସୁକୀର୍ତ୍ତି କର ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ରୀତାରାଣୀ ଦେ ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ଇଂ.ଲକି ମାଷ୍ଟର ସ୍ୱାଇଁ ମଞ୍ଚ ସଂଯୋଜନା, ଶିକ୍ଷୟିତ୍ରୀ ବସୁନ୍ଧରା ଜେନା ବାର୍ଷିକ ବିବରଣୀ ପାଠ ଏବଂ ପୁରାତନ ଛାତ୍ର ମାଧବାନନ୍ଦ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା କାଳନ୍ଦୀ ଚରଣ ବେହେରାଙ୍କ ସମେତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୟନ୍ତୀ କମିଟି କର୍ମକର୍ତ୍ତାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗ୍ରାମ୍ୟ ପାର୍କ ଭିତ୍ତିପ୍ରସ୍ତର

## ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ କଲେ ବାଚସ୍ପତି

ବନ୍ତ,୧୦।୪(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଟିଲୋ ପଞ୍ଚାୟତ ଆନୁକୂଲ୍ୟ ତଥା ସରପଞ୍ଚ ସଂଗ୍ରାମ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ଜାଗୁଳାଇପଦାଠାରେ ନିର୍ମାଣ ହେବାକୁ ଥିବା ଗ୍ରାମ୍ୟ ପାର୍କ ପାଇଁ ଶୁକ୍ରବାର ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ସୀତାକାନ୍ତ ରାଉତ, ସରପଞ୍ଚ ସଂଗ୍ରାମ କେଶରୀ ଜେନା, ପିଇଓ ପ୍ରଫୁଲ୍ଲ କୁମାର ପଣ୍ଡା, ୱାର୍ଡସଭ୍ୟ ପୂର୍ଣ୍ଣଚନ୍ଦ୍ର ବାରିକ, ଅଜିତ୍ ପଢିଆରୀ, ସଭ୍ୟା ଭାରତୀ ଧଳ, ମାଳତୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଟିଲୋ ହାଇସ୍କୁଲ ଛକଠାରେ ନିର୍ମିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ବାଚସ୍ପତି ସୁରମା ପାଢ଼ୀ ଅନାବରଣ କରିଛନ୍ତି।

# ପ୍ଲାଷ୍ଟିକ୍‌ର ବିକଳ୍ପ ବ୍ୟବହାର ପାଇଁ ସାମର୍ଥ୍ୟ ଶିବିର



ଶିବିରରେ ଉପସ୍ଥିତ ଅତିଥିମାନେ।

ଚାନ୍ଦବାଲି,୧୦।୪(କିଷାନ ପାତ୍ର)

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହାୟତାରେ ଭୁବନେଶ୍ୱର ପରିବେଶ ଶିକ୍ଷଣ କେନ୍ଦ୍ର ପକ୍ଷରୁ ଶୁକ୍ରବାର ଚାନ୍ଦବାଲି ବ୍ଲକର ପାଟୁଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ଲାଷ୍ଟିକ୍‌ର ବିକଳ୍ପ ବ୍ୟବହାର ପାଇଁ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମାଧବାନନ୍ଦ ଓଝା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବନାଞ୍ଚଳ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇ, ମୁଖ୍ୟବକ୍ତା ପରିବେଶବିତ୍ ଡ. ତରଣୀସେନ ପଣ୍ଡା, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ତାରାପଦ ମହାନ୍ତି, ପ୍ରକୃତିବନ୍ଧୁ ସରୋଜ ଓଝା, ମଙ୍ଗୁଳି ଚରଣ ବେହେରା, ଦେବବ୍ରତ ଦାସ, ସୁମିତ୍ରା ମହାଳିକ ପ୍ରମୁଖ ଯୋଗ ଦେଇଥିଲେ। ସାମ୍ପ୍ରତିକ ସମୟରେ ପ୍ଲାଷ୍ଟିକ୍ ବ୍ୟବହାରର ଭୟାବହତା ଓ ବ୍ୟବହାରକୁ କିପରି କମାଇ ବିକଳ୍ପ ବ୍ୟବସ୍ଥା କରିବା, ସେନେଇ ଅତିଥି ବକ୍ତବ୍ୟ ରଖିଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ଅମୂଲ୍ୟ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଭାକର ସାମଲ ଅତିଥି ପରିଚୟ ଦେଇଥିଲେ। ପାର୍ଶ୍ୱବର୍ତ୍ତୀ ବିଦ୍ୟାଳୟଗୁଡ଼ିକରୁ ୫୦ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ପ୍ଲାଷ୍ଟିକ୍‌ର ବିକଳ୍ପ ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଦେଖି ଅତିଥି ଖୁସିବ୍ୟକ୍ତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ମାନସ ରଞ୍ଜନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟ ପରିଚାଳନା କରିଥିଲେ।

# 'ଜୀବନ ଜିଜ୍ଞାସା' ପୁସ୍ତକ ଲୋକାର୍ପିତ

ଭଦ୍ରକ,୧୦।୪(ରବିନାରାୟଣ ଖିଲାର)

ଭଦ୍ରକ ସଂସ୍କୃତି ଭବନଠାରେ ଗୁରୁବାର ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତାରି ମହାପାତ୍ରଙ୍କ ରଚିତ 'ଜୀବନ ଜିଜ୍ଞାସା' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଲେଖକ ମହାପାତ୍ରଙ୍କ ସାହିତ୍ୟ କୃତିକୁ ଭୂୟସୀ ପ୍ରଶଂସା କରି ଏହି ପୁସ୍ତକ ଜୀବନକୁ ଜିଇଁବାର ପ୍ରକୃତ ରାହା ଦେଖାଇବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଗୋଲକ ବିହାରୀ ସାହୁ, ଅଧ୍ୟାପକ ଦତ୍ତାତ୍ରେୟ ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ର, ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା


ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ବ୍ରଜ କିଶୋର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଧୁଷୁରୀ, ୧୦।୪(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ମହତାବନଗରସ୍ଥିତ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ବ୍ରଜ କିଶୋର ମହାପାତ୍ରଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ଗୁପ୍ତେଶ୍ୱର ସିଂଙ୍କ ଅଧ୍ୟକ୍ଷତା ଓ ସହକାରୀ ଶିକ୍ଷକ ଅଜୟ କୁମାର ବେହେରାଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ପ୍ରଧାନଶିକ୍ଷକ ଦିଲୀପ କୁମାର ନାୟକ, ମଦନ ମୋହନ ମୁଦୁଲି, ପ୍ରଶାନ୍ତ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭଞ୍ଜନ ସାହୁ, କ୍ଷୀରୋଦ ବଳ, ମଞ୍ଜୁଲତା ଦାଶ, ନୀରୋଦ ବେହେରା, ସରପଞ୍ଚ ଅଜୟ ମଲିକ, ପୂର୍ବତନ ସରପଞ୍ଚ ଅନିଲ ଦାସ, ସୁଶାନ୍ତ କୁମାର ନାୟକ, ଆଲୁମ୍‌ନି ପ୍ରେସିଡେଣ୍ଟ କାଶୀନାଥ ମହାନ୍ତି, ମୃତ୍ୟୁଞ୍ଜୟ ସାହୁ, ଅନ୍ତର୍ଯ୍ୟାମୀ ଦାସ, ଖବରଦାତା ସନ୍ତୋଷ ଦାସ, ରତିକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବସନ୍ତ କୁମାର ରାୟ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ବରିଷ୍ଠ ଶିକ୍ଷୟିତ୍ରୀ କବିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ବାପୁଜୀ ଓ ସାଆଁଳପୁର କ୍ଲଷ୍ଟରର ବହୁ ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା କର୍ମଚାରୀ, ପରିଚାଳନା କମିଟି ଓ ପଞ୍ଚସଖା ଶିକ୍ଷାସେତୁ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

# ବାଲାନ୍ସ ଚେକ୍ କରିବା ଆଳରେ ଏଟିଏମ୍‌ରୁ ଟଙ୍କା ହଡ଼ପ

ଗଣିଜାଙ୍ଗ,୧୦।୪(ବିଜୟ ପଣ୍ଡା)

ବାଲାନ୍ସ ଚେକ୍ କରିବା ଆଳରେ ଜଣେ ଅଚିହ୍ନା ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କ ଏଟିଏମ୍ କାର୍ଡରୁ ଟଙ୍କା ଉଠାଇ ନେଇଛନ୍ତି। ବନ୍ତ ଥାନା ଅଧୀନ ଛୟାଳସିଂ ଗ୍ରାମର ବିଦ୍ୟାଧର ସାହୁ(୫୯) ଏଭଳି ଠକାମିର ଶିକାର ହୋଇଛନ୍ତି। ଏନେଇ ସେ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ବିଦ୍ୟାଧର ଦର୍ଶାଇଛନ୍ତି ଯେ, ସେ ଗତ ମଙ୍ଗଳବାର ମଧ୍ୟାହ୍ନରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ କେତେ ଟଙ୍କା ଅଛି, ଚେକ୍ କରିବା ପାଇଁ ପଳସା ବଜାରରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମ୍‌କୁ ଯାଇଥିଲେ। ପୂର୍ବରୁ ଏଟିଏମ୍ ଭିତରେ ଥିବା ଜଣେ ଅଜଣା ବ୍ୟକ୍ତିଙ୍କୁ ତାଙ୍କ ଏଟିଏମ୍ କାର୍ଡ ବାଲାନ୍ସ ଚେକ୍ ପାଇଁ ଦେବା ସହ ପିନ୍ ନମ୍ବର ମଧ୍ୟ ଦେଇଥିଲେ। ଉକ୍ତ ବ୍ୟକ୍ତି ତାଙ୍କ ଏଟିଏମ୍ କାର୍ଡ଼ ନେଇଯାଇ ସେହିପରି ଆଉ ଏକ ଏଟିଏମ୍ କାର୍ଡ ତାଙ୍କୁ ଫେରାଇ ଦେଇଥିଲେ। କାର୍ଡ ବଦଳ ବାବଦରେ ବିଦ୍ୟାଧର ଜାଣିପାରି ନ ଥିଲେ। ପର ଦିନ ରାତି ସାଢ଼େ ୮ଟାରେ ତାଙ୍କ ଆକାଉଣ୍ଟରୁ ଟଙ୍କା କଟି ଯାଇଥିବା ମୋବାଇଲକୁ ମେସେଜ୍ ଆସିଥିଲା। ପରେ ତାଙ୍କ ପୁଅ ସେହି କାର୍ଡକୁ ବ୍ଲକ୍ କରିଦେଇଥିଲେ। ପରଦିନ ବ୍ୟାଙ୍କରେ ଷ୍ଟେଟମେଣ୍ଟ ଚେକ୍ ପରେ ଆକାଉଣ୍ଟରୁ ୧ ଲକ୍ଷ ୧୯ ହଜାର ୬ଶହ ଟଙ୍କା ଉକ୍ତ ବ୍ୟକ୍ତି ଉଠାଇ ନେଇଥିବା ଜଣାପଡ଼ିଥିଲା। ବ୍ୟକ୍ତି ଜଣକ ଦେଇଥିବା ଏଟିଏମ୍ କାର୍ଡ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥି।

ଧାମନଗର,୧୦।୪ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସତ୍ୟଜିତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଧାମନଗର ମହାବିଦ୍ୟାଳୟର ଅଧ୍ୟାପକ ଡ. ବୈରଗଞ୍ଜନ ଦାଶ ଏବଂ ମୁଖ୍ୟବକ୍ତା ଏବିଇଓ ସତ୍ୟସୁନ୍ଦର ପରିଡ଼ା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ, ଅଧ୍ୟାପକ ହିମାଂଶୁ ଶେଖର ଦାଶ, ସିଆର୍‌ସିସି ଦେବବ୍ରତ ନାୟକ, ଅଶ୍ୱିନୀ ଜେନା, ସରସ୍ୱତୀ ଆଶ୍ରମର ମହାରାଜ ସ୍ୱାମୀ ଶଦ୍ଧାନନ୍ଦ, ପୂର୍ବତନ ସରପଞ୍ଚ ବିଜୟ ଦାସ, ଶରତ ମାଝୀ, ଏସ୍‌ଏମ୍‌ସି ସଭାପତି ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ଭଲ ପାଠ ପଢ଼ି ଜୀବନରେ ଜଣେ ଭଲ ମଣିଷ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଜିତ ରଣା ମଞ୍ଚ ଆହ୍ୱାନ, ମଦନ ମୋହନ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ଏବଂ ରେଣୁକା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଲକ୍ଷ୍ମୀପ୍ରିୟା ଦାସ, ଚିନ୍ମୟ ଚନ୍ଦନ ରାଉତ, ସୁଦୀପ୍ତା ସାମଲ, ରକ୍ଷାକର ତରେଇ, ସତ୍ୟଭାମା ବାରିକ, ଯତୀନ୍ଦ୍ର ନନ୍ଦ, ପବିତ୍ର ମୋହନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଶଶିଭୂଷଣ ପରିଡ଼ା ଧନ୍ୟବାଦ ଦେଇଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବିଶ୍ୱ ହୋମିଓପାଥି ଦିବସ

ଧାମନଗର,୧୦।୪(ସନ୍ତୋଷ କୁମାର ମହାପାତ୍ର): ଧାମନଗର ବ୍ଲକ ଭଗବାନପୁର ସରକାରୀ ହୋମିଓପାଥି ଚିକିତ୍ସାଳୟ ପରିସରରେ ଶୁକ୍ରବାର ବିଶ୍ୱ ହୋମିଓପାଥି ଦିବସ ପାଳନ କରାଯାଇଛି। ଡା. ଶେଷଦେବ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ଦାଶ, ଖବରଦାତା ସୁଧାକର ଦାଶ, ସ୍ୱାସ୍ଥ୍ୟକେନ୍ଦ୍ରର ଅବସରପ୍ରାପ୍ତ କର୍ମଚାରୀ ଦାଶରଥି ବେହେରା ପ୍ରମୁଖ ଯୋଗଦେଇ ଏହି ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଯୋଗ ଟ୍ରେନର ପରେଶ ବେହେରା, ରଞ୍ଜିତା ଦେବତା, ଆଶାକର୍ମୀ ତିଲୋତ୍ତମା ବେହେରା, ଅପର୍ଣ୍ଣା ଲେଙ୍କା, ମାନସୀ ଜେନା, ଅମ୍ବିକା ଜେନା, ସତ୍ୟଭାମା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷା ସଚେତନତା ରଥକୁ ସ୍ୱାଗତ

ଧୁଷୁରୀ,୧୦।୪(ଦୀପ୍ତିରଞ୍ଜନ ନାୟକ): ଚାନ୍ଦବାଲି ବ୍ଲକର ମଠଡିହ ଓ ପହଣା ସେକ୍ଟରର ସମସ୍ତ ବିଦ୍ୟାଳୟରେ ଶୁକ୍ରବାର ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରାଯାଇଛି। ମଠଡିହ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ବନିତା ପୃଷ୍ଟି, ପୂର୍ବତନ କ୍ରୀଡ଼ା ଶିକ୍ଷକ ରକ୍ଷାକର ବିଶ୍ୱାଳ, ସିଆର୍‌ସିସି ଦିଲୀପ ଶେଖର ନାୟକ, ସହକାରୀ ଶିକ୍ଷକ ରଞ୍ଜୀବ ରାଉତ, ସୁନ୍ଦରପୁର ଦୋହରାପାଟଣା ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିଲ ଦାସ, ପହଣା ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଲତା ପୁହାଣ, ପାଲଟପୁର ନୋଡାଲ ୟୁପି ସ୍କୁଲର ପ୍ରଧାନଶିକ୍ଷକ ଗଗନ ବିହାରୀ ମହାନ୍ତି, ନାନ୍ଦପୁର ଏନ୍ଏନ୍ ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ମଙ୍ଗୁଳି ଚରଣ ସେଠୀ, ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଧର ବାରିକ ଓ ସମସ୍ତ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ରଥକୁ ସ୍ୱାଗତ ଜଣାଇଥିଲେ। ୧ରୁ ୧୩ବର୍ଷ ପର୍ଯ୍ୟନ୍ତ ପିଲାମାନେ ବିଦ୍ୟାଳୟରେ ନାମ ଲେଖାଇ କିପରି ଗୁଣାତ୍ମକ ଶିକ୍ଷା ପାଇବେ, ତାହା ସରକାରଙ୍କ ଲକ୍ଷ୍ୟ ବୋଲି ସଚେତନତା ବାର୍ତ୍ତା ଦିଆଯାଇଥିଲା।

# ଲୋକକଳା ଦିବସ ପାଳିତ

ଭଣ୍ଡାରିପୋଖରୀ,୧୦।୪
(ରାଜେନ୍ଦ୍ର ଶତପଥୀ)

ଓଡ଼ିଆ ପକ୍ଷ ଅବସରରେ ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ଲୋକକଳା ଦିବସ ପାଳନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କଳାକାରମାନେ ଯୋଗଦେଇ ଲୋକକଳା ପାଲା ପରିବେଷଣ କରିଥିଲେ। ବିଡିଓ ଦେବଦତ୍ତ ଦାସ, ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ କଳାକାର ଓ ପାଲା ଗାୟକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅତିଥିଙ୍କ ସହ ସମ୍ବର୍ଦ୍ଧିତ କଳାକାରମାନେ।

# କଳା ହେଉଛି ସଂସ୍କୃତିର ମୁଖ୍ୟ ଅଙ୍ଗ

## 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ

ଭଦ୍ରକ,୧୦।୪(ସନାତନ ରାଉତ)

ଓଡ଼ିଆ ପକ୍ଷର ୧୦ମ ଦିନରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଭଦ୍ରକ ଜିଲା ସଂସ୍କୃତି ଭବନରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଓଡ଼ିଆ ଲୋକକଳାର ସୁରକ୍ଷା ଓ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ବରେଣ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥ ଯୋଗଦେଇ କହିଥିଲେ, ଲୋକକଳା ହେଉଛି ଆମ ସଂସ୍କୃତିର ମୁଖ୍ୟ ଅଙ୍ଗ। ଏହାକୁ ଆଗାମୀ ପିଢ଼ିଙ୍କ ପାଇଁ ସୁରକ୍ଷିତ ରଖିବାରେ ସମସ୍ତଙ୍କ ସହଭାଗିତା ଆବଶ୍ୟକ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଟ୍ୟକାର ଲଲାଟେନ୍ଦୁ ମହାନ୍ତି, ଅବସରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକ, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଅଟଳ ବିହାରୀ ନାୟକ, ଭଦ୍ରକ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ବାଦଲ ସିକ୍‌ଦାର ଯୋଗଦେଇ ଲୋକକଳାର ଐତିହ୍ୟ, ମହତ୍ତ୍ୱ ଓ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଢୋଲକ ବାଦ୍ୟଗୁରୁ ବଂଶୀଧର ବାରିକ, ପାଲାଗାୟକ ଲୋକନାଥ ମିଶ୍ର, ଜୟକୃଷ୍ଣ ପ୍ରଧାନ, ରବୀନ୍ଦ୍ର ବାରିକ, ରାଜକିଶୋର ନାୟକ, ପ୍ରାଣକୃଷ୍ଣ ସାହୁ ଓ ସନାତନ ପୁରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ପାଲା କଳାକାରମାନେ ନିଜ କଳା ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ର, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥିମାନେ ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# 'ଲୋକକଳା ଉଜ୍ଜୀବିତ ରହିଲେ ସଂସ୍କୃତିର ଗରିମା ବଢ଼ିବ'

ତିହିଡ଼ି,୧୦।୪(ସଞ୍ଜିତ ବଳ): ତିହିଡ଼ି ବ୍ଲକ କାର୍ଯ୍ୟାଳୟସ୍ଥିତ ନୀଳମଣି ସଭାଗୃହରେ ଶୁକ୍ରବାର 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ନିରଞ୍ଜନ ବାରିକଙ୍କ ପୌରୋହିତ୍ୟ ଏବଂ ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଯୋଗଦେଇ ଲୋକକଳା ଉଜ୍ଜୀବିତ ରହିଲେ ସଂସ୍କୃତିର ଗରିମା ବଢ଼ିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଭାଗିରଥୀ ଦତ୍ତ ଯୋଗ ଦେଇଥଲେ। ଡବ୍ଲୁଇଓ ସୌମ୍ୟା ସୁଚରିତା ମହାନ୍ତି ଧନ୍ୟବାଦ ଦେଇଥିଲେ। କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାର ଉପେନ୍ଦ୍ର ସାହୁ ଦାସକାଠିଆ ଓ ଅନ୍ୟ କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। ମନମୋହନ ସାହୁ, ସତ୍ୟବ୍ରତ ତ୍ରିପାଠୀ ଓ ଲକ୍ଷ୍ମୀଧର ନାଥଶର୍ମା ବକ୍ତବ୍ୟ ରଖିଥିଲେ। କଳିଙ୍ଗ କଳାକାର ସଂଘ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଆନନ୍ଦପୁର ପୌରପାଳିକା କାଉନ୍ସିଲର କୃଷ୍ଣ ରଣାଙ୍କ ବିଜେଡିରୁ ଇସ୍ତଫା

ବଞ୍ଝୋ,୧୦।୪(ପ୍ରଦୋଷ କୁମାର ବିଶ୍ୱାଳ): କେନ୍ଦୁଝର ଜିଲା ଆନନ୍ଦପୁର ନଗରପାଳିକାର ୱାର୍ଡ-୭ କାଉନ୍ସିଲର କୃଷ୍ଣରଣା ଶୁକ୍ରବାର ବିଜୁ ଜନତା ଦଳରୁ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଦଳ ଭିତରେ ଅସନ୍ତୋଷ ଓ କିଛି ନୀତିଗତ ମତଭେଦ ଯୋଗୁ କୃଷ୍ଣ ରଣା ଏହି ସିଦ୍ଧାନ୍ତ ନେଇଥିବା କୁହାଯାଉଛି। ମାତ୍ର ସେ ଇସ୍ତଫା ପତ୍ରରେ ବ୍ୟକ୍ତିଗତ ସମସ୍ୟା ଦର୍ଶାଇଛନ୍ତି। ଆଗାମୀ ଦିନରେ ସେ କେଉଁ ଦଳରେ ଯୋଗଦେବେ ସେଥି ପ୍ରତି ସମସ୍ତଙ୍କ ଦୃଷ୍ଟି ରହିଛି। ଏହି ଘଟଣା ପରେ ଆନନ୍ଦପୁରରେ ବିଜେଡିର ସଂଗଠନ ଉପରେ ପ୍ରଭାବ ପଡିପାରେ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଆଗାମୀ ନିର୍ବାଚନ ପୂର୍ବରୁ ଏହି ପଦକ୍ଷେପ ରାଜନୈତିକ ସମୀକରଣକୁ କେମିତି ପରିବର୍ତ୍ତନ କରିବ, ସେଥି ଦେଖିବାକୁ ବାକି ରହିଲା।



### ମହେଶ୍ୱର ଭାଜପାର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ନିଯୁକ୍ତ

ବଞ୍ଝୋ,୧୦।୪(ପ୍ରଦୋଷ ବିଶ୍ୱାଳ): ଭାରତୀୟ ଜନତା ପାର୍ଟି (ଭାଜପା) ଓଡ଼ିଶା ରାଜ୍ୟ ସଭାପତି ମନମୋହନ ସାମଲ ଶୁକ୍ରବାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଓ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ତାଲିକା ଅନୁଯାୟୀ, ମୋଟ ୭୨ ଜଣଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିଯୁକ୍ତ କରାଯାଇଥିବା ବେଳେ ୩୮ ଜଣଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଓ ୨୩ ଜଣଙ୍କୁ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଭାବେ ସ୍ଥାନ ଦିଆଯାଇଛି। ଏଥିରେ କେନ୍ଦୁଝର ଜିଲା ଆନନ୍ଦପୁରର ମହେଶ୍ୱର ସାହୁଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ତାଙ୍କର ଏହି ନିଯୁକ୍ତିକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଉଛି।



### ଦେଶୀ ମଦ ଜବତ, ୨ ଗିରଫ

ବଡଳା,୧୦।୪(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ଅବକାରୀ ଅଧିକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ହାଟଡ଼ିହୀ ଅବକାରୀ ରେଞ୍ଜ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ବିପୁଳ ପରିମାଣର ଦେଶୀ ମଦ, ପୋଚ ଜବତ କରିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଅବକାରୀ ନିରୀକ୍ଷକ ବ୍ରଜ ମୋହନ ମଲ୍ଲିକ ଏବଂ ହାଟଡ଼ିହୀ ଅବକାରୀ ଥାନା ଷ୍ଟାଫ୍‌ଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ନନ୍ଦିପଦା ଓ ସୋସୋ ଥାନା ଅନ୍ତର୍ଗତ ଢେଙ୍କା, ସଙ୍ଗମ, ବିଦ୍ୟାଧରପୁର ଅଞ୍ଚଳରେ ଚଢ଼ାଉ କରିଥିଲା। ଟିମ୍ ଘଟଣାସ୍ଥଳରୁ ୨୨୦ ଲିଟର ଦେଶୀ ରନ୍ଧା ମଦ ଓ ୨୫୦୦ ଲିଟର ମହୁଲ ପୋଚ ଜବତ କରାଯାଇଛି। ଗ୍ରାମର ସିଂରାୟ ହାଁସଦା, ମାୟା ମାଝୀଙ୍କୁ ଗିରଫ କରାଯାଇଛି। ହାଟଡ଼ିହୀ ଅବକାରୀ ବିଭାଗ ପକ୍ଷରୁ ୩ ଗୋଟି ଅବକାରୀ ମାମଲା ରୁଜୁ ହୋଇଛି।

# ୫୪ ହେକ୍ଟର ଚାଷ ନଷ୍ଟ, ଚିନ୍ତାରେ ଚାଷୀ





ନଷ୍ଟ ହୋଇଥିବା ମକା, କୋବି ଫସଲ।

### କୁଆପଥର ମାଡ଼ରେ ଉଜୁଡ଼ିଲା ଫସଲ

ପାଟଣା,୧୦।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳର ୯ ପଞ୍ଚାୟତରେ ଗତ ମଙ୍ଗଳବାର କାଳବୈଶାଖୀ ଯୋଗୁ କୁଆପଥର ସହ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଅନେକ ହଜାର ଘରର ଛପର କଣା ହେବା ସହ ଘର ଭାଙ୍ଗିଛି। କୁଆପଥର ମାଡ଼ରେ ଚାଷ ମଧ ଉଜୁଡି ଯାଇଛି। ବିଶେଷ କରି ପାଟଣା ବ୍ଲକରେ ୫୪ ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ନଷ୍ଟ ହୋଇଥିବାରୁ ଚାଷୀ ଚିନ୍ତାରେ ରହିଛନ୍ତି।

ପାଟଣା ବ୍ଲକ୍ ମିରିଗୀଖୋଜି, କଟା ବେଢ଼ା, ଭାଲିଆ ଡାଳ, କୋଠା ଘର, ଭାଲୁଘର, ମଲିପୋଶି, ମାଧପୁର ପୁରୁଳିଆ, କୁଆପୋଷି ଓ ଏରେଣ୍ଡେଇ ଅଞ୍ଚଳରେ ଧାନ, ମକା, ତରଭୁଜ, ଆମ୍ବ, ଫୁଲକୋବି, ବାଇଗଣ, ବିଲାତି, ଝୁଡ଼ଙ୍ଗ, କାକୁଡ଼ି ପନିପରିବା ଆଦି ୫୪ ହେକ୍ଟର ଫସଲ କ୍ଷତିଗ୍ରସ୍ତ ହୋଇଛି। ଚାଷୀ ବ୍ୟାଙ୍କ, ଲ୍ୟାମ୍ପସ ଓ ଏସଏଚଜି ଗ୍ରୁପରୁ ଋଣ ଓ ଗାଁ ସାହୁକାରଙ୍କଠାରୁ ଧାର କରଜ କରି ଚାଷ କରିଥିଲେ। ଭଲ ଫସଲ ମଧ ହୋଇଥିଲା। ଆଶା ରଖିଥିଲେ ଅମଳ ପରେ ବିକ୍ରି କରି ଧାର କରଜ ଶୁଝିବା ପରେ ୨ ପଇସା ପାଇଲେ ଗୁଜୁରାଣ ମେଣ୍ଟାଇବେ। ହେଲେ କାଳବୈଶାଖୀର କରୁଣ ପରିଣତି ଚାଷୀଙ୍କ ସବୁ ସ୍ୱପ୍ନ ଛାରଖାର କରିଦେଲା। କୃଷି ବିଭାଗ ତରଫରୁ ବ୍ଲକ୍ କୃଷି ଅଧିକାରୀ ବର୍ଷା ବୈଶାଳୀ, ସହକାରୀ କୃଷୀ ଅଧିକାରୀ ଦେବର୍ଦ୍ଧନ ଦିବେଦୀ, କୃଷି ଅଧିଦର୍ଶକ ଅଭୟ ରାଉତ, ବନଲତା ସେଠୀ, ବଳଭଦ୍ର ନାଏକ, ଇନ୍ଦ୍ରଜିତ୍ ପୁହାଣ ବୁଲି କ୍ଷୟକ୍ଷତି ଆକଳନ କରିଥିବା ବେଳେ ଉଦ୍ୟାନ କୃଷି ବିଭାଗ ତରଫରୁ କେବଳ ସୁପରଭାଇଜର ପ୍ରହ୍ଲାଦ ସେଠୀ ସୀମିତ ସଂଖ୍ୟକ ଚାଷୀଙ୍କ ନିକଟରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ଉଦ୍ୟାନ କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ନ ଥିବାରୁ ଚାଷୀ ଅସନ୍ତୋଷ ବ୍ୟକ୍ତି କରିଛନ୍ତି। ତଥ୍ୟ ପାଇଁ ଉଦ୍ୟାନ କୃଷି ଅଧିକାରୀ କାର୍ଯ୍ୟାଳୟକୁ ଯାଇଥିବା ବେଳେ ଗେଟ୍‌ରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଜିଲା ଉଦ୍ୟାନ କୃଷି ଡାଇରେକ୍ଟର ସୌମ୍ୟନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କୁ ପଚାରିବାରୁ ଉଭୟ କୃଷି ଓ ଉଦ୍ୟାନ କୃଷିବିଭାଗର ୫୪.୪୮ ହେକ୍ଟର ଜମିର ଚାଷ କାଳ ବୈଶାଖୀରେ ନଷ୍ଟ ହୋଇଛି। କ୍ଷୟକ୍ଷତିର ଆକଳନ ଚୁଡ଼ାନ୍ତ ପରେ ଖୁବ୍‌ଶୀଘ୍ର ଜିଲାପାଳଙ୍କୁ ରିପୋର୍ଟ ଦିଆଯିବ ବୋଲି କହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଖୋଲିଲା ଶାଳପଡ଼ା ଓଭର ବ୍ରିଜ୍

ବଞ୍ଝୋ,୧୦।୪(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଶାଳପଡ଼ା ଓଭର ବ୍ରିଜ ଶୁକ୍ରବାର ସାଧାରଣ ଲୋକଙ୍କ ପାଇଁ ଖୋଲାଯାଇଛି। ଦୀର୍ଘଦିନର ପ୍ରତୀକ୍ଷା ପରେ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଆସନ୍ତା ୧୨ ତାରିଖ ଗସ୍ତକୁ ଦୃଷ୍ଟିରେ ରଖି ତ୍ୱରାନ୍ୱିତ ଭାବେ କାମ ସମ୍ପୂର୍ଣ୍ଣ କରାଯାଇଛି। ବ୍ରିଜ୍ ଖୋଲାଯିବା ଫଳରେ ସ୍ଥାନୀୟ ଅଞ୍ଚଳର ଯାତାୟାତରେ ବଡ଼ ସୁବିଧା ମିଳିବ। ବିଶେଷ କରି ରାଜପଥ ୧୬ ଉପରେ ଟ୍ରାଫିକ୍ ଜାମ ଓ ଦୁର୍ଘଟଣା ସମସ୍ୟା ହ୍ରାସ୍ ପାଇବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଓଭର ବ୍ରିଜ ନିର୍ମାଣରେ ବିଳମ୍ବ ହେବାରୁ ପୂର୍ବରୁ ଅନେକ ଦୁର୍ଘଟଣା ଘଟି ଜୀବନହାନୀ ହୋଇଛି। ତେଣୁ ବ୍ରିଜ୍ ଶୀଘ୍ର ଶେଷ କରିବାକୁ ବିଭିନ୍ନ ସମୟରେ ଦାବି ହୋଇଆସୁଥିଲା। ସ୍ଥାନୀୟ ଲୋକମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିବା ବେଳେ, ଦୀର୍ଘଦିନର ଦାବିପୂରଣ ହୋଇଥିବାରେ ଖୁସି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଏହାର ଔପଚାରିକ ଉଦ୍‌ଘାଟନ ହେବାର ସମ୍ଭାବନା ରହିଛି।



ଶାଳପଡ଼ା ଓଭର ବ୍ରିଜ୍।

# ଓଡ଼ିଆ ପକ୍ଷରେ ଲୋକକଳା ପ୍ରଦର୍ଶନ



ଅତିଥି, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ର।

ଚମ୍ପୁଆ,୧୦।୪ (ମହେଶର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ପଞ୍ଚାୟତ ସମିତି ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଚମ୍ପୁଆ ବିଡିଓ ସ୍ମୃତି ରଞ୍ଜନ ସାହୁ, ବ୍ଲକ୍ ଅଧ୍ୟକ୍ଷ ସୁରେଶ ନାଏକ, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ପୂର୍ବତନ ପାଲାଗାୟକ ଉପେନ୍ଦ୍ରନାଥ ନାଏକ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଲୁପ୍ତ ହୋଇଯାଉଥିବା ଓଡ଼ିଆ ଲୋକକଳାର ପୁନଃ ଉଦ୍ଧାର ସହିତ ପ୍ରଚାର ପ୍ରସାର ମାଧ୍ୟମରେ ଓଡ଼ିଆ ଅସ୍ମିତାର ସୁରକ୍ଷା ଲକ୍ଷ୍ୟ ନେଇ ପ୍ରସିଦ୍ଧ ମହିଳା ପାଲାଗାୟିକା ବିଣାପାଣି ମହାରଣାଙ୍କ ଦଳ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପାଞ୍ଚପୋଖରିଆ ଉନ୍ନିତ ସରକାରୀ ବିଦ୍ୟାଳୟର ୩୦ ଜଣ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। କଳାକାରଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରାବଣୀ ଜେନା ପରିଚାଳନା କରିଥିଲେ।

## ସାମାଜିକକର୍ମୀଙ୍କ ଶ୍ରାଦ୍ଧବାର୍ଷିକୀ

ବଞ୍ଝୋ,୧୦।୪(ପ୍ରଦୋଷ କୁମାର ବିଶ୍ୱାଳ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ବଞ୍ଝୋ ଗ୍ରାମର ସାମାଜିକକର୍ମୀ ଓ ପୂର୍ବତନ ଶ୍ରୀରାମ କମିଟିର ଅଧ୍ୟକ୍ଷ ଜତିନ୍ଦ୍ର ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ବହୁ ରାଜନୈତିକ ନେତା, ସାମାଜିକକର୍ମୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜତିନ୍ଦ୍ର ବିଶ୍ୱାଳଙ୍କ ପୁଅ ପ୍ରଭାତ ବିଶ୍ୱାଳ, ପ୍ରକାଶ ବିଶ୍ୱାଳ, ପରିବାର ସଦସ୍ୟଙ୍କ ସମେତ ବଞ୍ଝୋ ସରପଞ୍ଚ ପ୍ରଶାନ୍ତ ରାଉତ, ହଟାଡ଼ିହୀ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସୁଧାଂଶୁ ରାଉତ, ମାର୍କଣ୍ଡ ଓଝା, ବିନୋଦ ବିହାରି ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ

କେନ୍ଦୁଝର,୧୦।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଉତ୍ସାହର ସହିତ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଓଡ଼ିଶାର ପାରମ୍ପରିକ ଲୋକକଳା ଓ ସଂସ୍କୃତିକୁ ପ୍ରଚାର ଓ ସୁରକ୍ଷା କରିବା। ଏହି ଅବସରରେ ଛାତ୍ରୀମାନେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ, କିର୍ତ୍ତନ, ଝୁମର ଓ ଆଦିବାସୀ ଲୋକନୃତ୍ୟ କଳାକୁ ଆକର୍ଷଣୀୟ ଢଙ୍ଗରେ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଲୋକ କଳାର ଗୁରୁତ୍ୱ ବିଷୟରେ ମତ ରଖିଥିଲେ। ଯୁବପିଢ଼ିଙ୍କୁ ଏହି କଳାକୁ ଆଗକୁ ନେବା ପାଇଁ ପ୍ରେରଣା ଦେଇଥିଲେ। ଶେଷରେ ରାଜ୍ୟସ୍ତରୀୟ ଝୁମର କଣ୍ଠଶିଳ୍ପୀ ଛାତ୍ରୀ ମାନସୀ ମହାନ୍ତ, ଓଡ଼ିଶୀ ନୃତ୍ୟଶିଳ୍ପୀ ଛାତ୍ରୀ ପୂଜାରାଣୀ ଦାସଙ୍କ ସମେତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମ୍ମାନିତ କରାଯାଇଥିଲା।

# ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ପାଳନ ପ୍ରସ୍ତୁତି

ଯୋଡ଼ା,୧୦।୪(ମାନସ ମହାନ୍ତି)




କେନ୍ଦୁଝର ଜିଲା ଯୋଡ଼ାସ୍ଥିତ କୁନ୍ଦୁରୁନାଲା ସାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ଖବରଦାତା ସମ୍ମିଳନୀରେ କାର୍ଯ୍ୟସୂଚୀ ଘୋଷଣା କରାଯାଇଥିବା ଲା। ସମ୍ମିଳନୀରେ ପ୍ରଧାନ ଆଚାର୍ଯ୍ୟ ଭଗବାନ ବର୍ଦ୍ଧନ ନିମ୍ନଲିଖିତ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇ ରଜତ ଜୟନ୍ତୀ ବର୍ଷ ପାଳନ ଅପ୍ରେଲ ୧୪ ତାରିଖରେ ଉଦ୍‌ଘାଟନ ହେବାକୁ ଥିବା ବେଳେ ବର୍ଷ ତମାମ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। ଏ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖବରଦାତା ପ୍ରକାଶ ମହାନ୍ତି, ସମ୍ମାନିତ ଅତିଥିଭାବେ ପରିଚାଳନା ସମିତି ସଭାପତି ଅଜୟ ଗୋପାଳ ଦାସ, ଉପସଭାପତି ସ୍ୱପ୍ନକାନ୍ତ ପ୍ରଧାନ, ସମ୍ପାଦକ ଅଭିଜିତ ମୁଖାର୍ଜୀ, କୋଷାଧ୍ୟକ୍ଷ ଗୋକୁଳାନନ୍ଦ ଦାସ, ସଦସ୍ୟ ପଦ୍ମିନୀ ପାତ୍ର, ଗଣେଶ ଚନ୍ଦ୍ର ସାହୁ ଯୋଗଦେଇଥିଲେ।

## ବିଏନ୍‌କେ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି

ଯୋଡା/ଚମ୍ପୁଆ, ୧୦।୪ (ମାନସ ମହାନ୍ତି/ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ପୁରୁଷୋତ୍ତମପୁରସ୍ଥିତ ବିଏନ୍‌କେ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଶିକ୍ଷକ ପ୍ରସନ୍ନ ମହାନ୍ତଙ୍କ ସଭାପତିତ୍ୱରେ ଲୋକନାଥ ଗିରି, ମନବୋଧ ମହାନ୍ତ, ଭୀମସେନ ମହାନ୍ତ, ରମାକାନ୍ତ ପ୍ରଧାନ, ମହେନ୍ଦ୍ର ମହାନ୍ତ, କଳାକାର ମହାନ୍ତ, ପ୍ରମୋଦ ବେହେରା, ପନ୍ନଗ ଭୂଷଣ ମହାନ୍ତ, ମଧୁସୂଦାନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଆଗାମୀ ୨୮ ତାରିଖରେ ହେବାକୁ ଥିବା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ବିଭିନ୍ନ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଅନ୍ୟାନ୍ୟ ଅତିଥିଙ୍କ ନାମ ବୈଠକରେ ସୁପାରିସ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ଅବସରରେ ଏକ ସ୍ମରଣିକା ପ୍ରକାଶନ, ପୁରାତନ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା, ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଉପରେ ଆଲୋଚନା କରାଯାଇଥିଲା। ଶେଷରେ ପୂର୍ବତନ ଛାତ୍ର ପରିଷଦର ସଭାପତି ପବିତ୍ର ମୋହନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷା କର୍ମଚାରୀଙ୍କ ସମ୍ମିଳନୀ




ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ।

କେନ୍ଦୁଝର,୧୦।୪(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘ, କେନ୍ଦୁଝରର ଜିଲାସ୍ତରୀୟ ସମ୍ମିଳନୀ ଏନ୍‌ଏସ୍ ପୋଲିସ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସଞ୍ଜୟ ବସନ୍ତ ଚକ୍ରଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ରବିନ୍ଦ୍ର ପଣ୍ଡା ପ୍ରଥମେ ଅତିଥି ପରିଚୟ ପ୍ରଦାନ କରି ସଭାର ଉଦ୍ଦେଶ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ବିଶେଷ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ସଂଘର ରାଜ୍ୟ ସଭାପତି ନିକୁଞ୍ଜ ବିହାରୀ ବେହେରା, ମୁଖ୍ୟ ବକ୍ତାଭାବେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରେମାନନ୍ଦ ଜେନା ଯୋଗଦେଇ ଅବସରପ୍ରାପ୍ତ ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ୟା ସହ ନୂତନ ଅର୍ଥ ଆଇନ-୨୦୨୫(ପେନ୍‌ସନ୍ ଆକ୍ଟ) ସମ୍ପର୍କରେ ବିଶଦ ସୂଚନା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବରେ କହ୍ନେଇ ଚରଣ ମହାନ୍ତି, ଚିନ୍ତାମଣି ଜେନା, ମଦନ ମୋହନ ଦ୍ୱିବେଦୀ, ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ନିରାକରଣ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏନ୍‌ଏସ୍ ପୋଲିସ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ବୃନ୍ଦ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଜିଲା ସଂଯୋଜକ କ୍ଷୀରୋଦ ରାଉତ, ଭିକାରୀ ଚରଣ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଖଣି ଅଞ୍ଚଳରେ ୧୮ ହାତୀ

ଯୋଡ଼ା,୧୦।୪(ମାନସ ମହାନ୍ତି)



କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ତଥା ବନାଞ୍ଚଳରେ ୧୮ ହାତୀ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଖଣ୍ଡବନ୍ଧ, ଗୁରୁଡ଼ା, ଟିଙ୍ଗି ପାହାଡ଼, ପୁରୁଣାପାଣି ପ୍ରଭୃତି ଖଣି ଅଞ୍ଚଳରେ ହାତୀପଲ ଘୁରି ବୁଲୁଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଖଣ୍ଡବନ୍ଧ, ଗୁରୁଡ଼ା ଅଞ୍ଚଳରେ ବର୍ତ୍ତମାନ ୧୮ଟିକିଆ ହାତୀପଲରେ ୩ ଗୋଟି ଦନ୍ତାହାତୀ, ୧୦ଗୋଟି ମାଇ ଓ ୫ଟି ହାତୀ ଶାବକ ଅଛନ୍ତି। ନିକଟବର୍ତ୍ତୀ ଜଙ୍ଗଲକୁ ହାତୀପଲ ଯାଇ ପାରୁନାହାନ୍ତି। ତେଣେ ହାତୀ ଘଉଡ଼ାଇବା ପାଇଁ ଚାଷବାସ ସମୟର ୫ ମାସ ଧରି ନିୟୋଜିତ ହେଉଥିବା ଗଜସାଥୀ କାର୍ଯ୍ୟରୁ ଅବ୍ୟାହତ ଥିବାରୁ ହାତୀ ଘୋଉଡ଼ାଇବା ବନ ବିଭାଗକୁ କଷ୍ଟ ସାଧ ହୋଇପଡ଼ିଛି। ହାତୀ ଘଉଡ଼ାଇବା ପାଇଁ ବାଣ ନିଷିଦ୍ଧ ବୋଲି ବନ ବିଭାଗ କହୁଥିବା ବେଳେ କେତେକ ଖଣିର ସୁରକ୍ଷା କର୍ମୀମାନେ ବାଣ ଫୁଟାଇ ହାତୀ ଘୋଉଡ଼ାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ସ୍ଥାନୀୟ ବସ୍ତି ଅଞ୍ଚଳର କିଛି ଲୋକ କହିଛନ୍ତି, ହାତୀପଲ ସହିତ ଶାବକ ଥିବାରୁ ଦନ୍ତାହାତୀଗୁଡ଼ିକ ହିଂସ୍ର ହୋଇ ପଡୁଛନ୍ତି। ଖଣିରେ ହେଉଥିବା ବଡ଼ ମେସିନର ବିକଟାଳ ଶବ୍ଦ, ବାରୁଦ ବିସ୍ଫୋରଣ ଏବଂ ରାତିରେ ଜଳା ଯାଉଥିବା ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଆଲୋକ ହାତୀପଲଙ୍କୁ ଦିଗହରା କରୁଛି। ତେଣେ କିଛି ପରିବେଶବିତ୍ ପ୍ରକୃତି ପ୍ରେମୀ କହିଛନ୍ତି ଯେ, ଖଣିରେ ଥିବା ବନାଞ୍ଚଳ ସଡ଼କକୁ ବ୍ୟବହାର କଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଖଣିକୁ ବନ୍ଦ କରି ଦିଆଯାଉଛି। କିନ୍ତୁ ହାତୀପଲ ଖଣି ଅଞ୍ଚଳରେ ବିଚରଣ କରୁଥିଲେ ମଧ ଖଣିଗୁଡ଼ିକୁ ସାମୟିକ ବନ୍ଦ କରା ନ ଯାଇ କୋହଳ ମନୋଭାବ ପୋଷଣ କରାଯାଉଛି। ଏ ଦିଗରେ ଜିଲା ବନ ଅଧିକାରୀ ଧ୍ୟାନ ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

## ଘର ଭାଙ୍ଗି ଧାନ ଖାଇଲା ଦନ୍ତା

ଚମ୍ପୁଆ,୧୦।୪(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଜଙ୍ଗଲରେ ରହୁଥିବା ହାତୀ ବର୍ତ୍ତମାନ ସହର ମୁହାଁ ହୋଇ ଘର ଭାଙ୍ଗିବା ସହ ଘରେ ଥିବା ଅମଳ ଧାନ ଖାଇ ନଷ୍ଟ କରୁଛନ୍ତି। ଗୁରୁବାର ରାତି ପ୍ରାୟ ୨ଟା ସମୟରେ ଏକ ଗୋଠଛଡ଼ା ଦନ୍ତା ଚମ୍ପୁଆ ଏନ୍‌ଏସିର ୨ ନଂ. ୱାର୍ଡ ପାଞ୍ଚପୋଖରିଆ ବନ୍ଧସାହିରେ ପଶିଥିଲା। ସାହିର ଶ୍ରୀକାନ୍ତ ମହାନ୍ତଙ୍କ ଝରକା, ମୁଖ୍ୟ କବାଟ ଭାଙ୍ଗି ଘର ଭିତରୁ ୨ଟି ଧାନ ବସ୍ତା ଖାଇବା ସହିତ ନଷ୍ଟ କରିଦେଇଛି। ଗ୍ରାମବାସୀ ଘଉଡ଼ାଇବା ଚେଷ୍ଟା କରିଥିଲେ ହେଁ ହାତୀ ଧାନବସ୍ତା ଘରଭିତରୁ ଟାଣିଆଣି ଖାଇବା ସହ ନଷ୍ଟ କରିଥିଲା। ଗୋଠଛଡ଼ା ଦନ୍ତାହାତୀ ପାଇଁ ଗ୍ରାମବାସୀ ଭୟଭିତ ଅବସ୍ଥାରେ ରହିଥିବା କହିଛନ୍ତି।

# ସରକାରୀ ବସ୍ ଚଳାଚଳ ଦାବି

### ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର

ଚମ୍ପୁଆ,୧୦।୪(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଉପାନ୍ତ ଚମ୍ପୁଆ ଅଞ୍ଚଳବାସୀ ଦ୍ରୁତଗାମୀ ସରକାରୀ ବସ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଯାତାୟାତରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଚମ୍ପୁଆ ଗଣମାଧ୍ୟମ ପ୍ରତିନିଧିମାନେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଚମ୍ପୁଆଗସ୍ତ ସମୟରେ ବନ୍ଦ ରହିଥିବା ସରକାରୀ ବସ୍ ସେବା ତୁରନ୍ତ ଯୋଗାଇଦେବାକୁ କହିଥିଲେ। ଏଥିସହ ବଡ଼ବିଲରୁ ପୁରୀକୁ ଯାଉଥିବା ଭଲ୍‌ବୋ ବସ୍ ଚମ୍ପୁଆ ଦେଇ ଚଳାଚଳ ପାଇଁ ଦାବି କରିଛନ୍ତି।

ଅଭିଯୋଗ ମୁତାବକ, ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟକୁ ଦୀର୍ଘଦିନ ହେବ ସରକାରଙ୍କ ପକ୍ଷରୁ ୩ ଗୋଟି ଦ୍ରୁତଗାମୀ ବସ୍ ଯୋଗାଇ ଦିଆଯାଇଥିଲା। ଏହି ବସ୍ ଯୋଗେ କଟକ, ଭୁବନେଶ୍ୱର ଓ ରାଉରକେଲାକୁ ଯିବାକୁ ଯାତ୍ରୀ ସରକାରଙ୍କ ନିର୍ଦ୍ଧାରିତ ଭଡ଼ା ଦେଇ ଯାତାୟାତ କରୁଥିଲେ। ଗୋଟାଏ ବସ୍ ସକାଳ ୪ଟା ୩୦ରେ ଚମ୍ପୁଆରୁ ବାହାରି ପୂର୍ବାହ୍ନ ୧୧ଟାରେ କଟକରେ ପହଞ୍ଚି ମଧ୍ୟାହ୍ନ ୧୨ଟା ୪୦ରେ କଟକରୁ ଚମ୍ପୁଆ ଅଭିମୁଖେ ଯାତ୍ରାକରି ରାତି ୮ଟା ୪୦ରେ ଚମ୍ପୁଆରେ ପହଞ୍ଚୁଥିଲା। ଏହି ବସ୍ ଯୋଗେ ପାଠପଢ଼ାଠାରୁ ଆରମ୍ଭକରି ସ୍ୱାସ୍ଥ୍ୟସେବା, ଆଇନସେବା ସହ ବ୍ୟବସାୟୀମାନେ ନିର୍ଭର କରୁଥିଲେ। ପ୍ରାୟତଃ ଯାତ୍ରୀମାନେ ଗୋଟାଏ ଦିନରେ ନିଜ କାର୍ଯ୍ୟ ସାରି ଘରକୁ ଫେରିପାରୁଥିଲେ। ସେହିପରି ସକାଳ ୮ ଟାରେ ଜିଲା ମୁଖ୍ୟାଳୟରୁ ଚମ୍ପୁଆ ମୁଖ୍ୟାଳୟ ଦେଇ ରାଉରକେଲା ଯାତାୟାତ କରୁଥିବା ବସ୍ ବନ୍ଦ ରହିଥିବା ବେଳେ ଅପରାହ୍ନ ୩ଟାରେ ଚମ୍ପୁଆରୁ ଭୁବନେଶ୍ୱର ଯାଉଥିବା ସରକାରୀ ବସ୍ ମଧ ବନ୍ଦ ରହିଛି। ଚମ୍ପୁଆ ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଝାଡ଼ଖଣ୍ଡ ଓ ମୟୂରଭଞ୍ଜ ଅଞ୍ଚଳର ଲୋକେ ମଧ ଏହି ବସ୍‌ସେବା ପାଉଥିଲେ। ପ୍ରାୟ ୨ ମାସ ହେବ ଏହି ସେବା ବନ୍ଦ ରହିଛି। ଫଳରେ ଯାତ୍ରୀ ବର୍ତ୍ତମାନ ଆର୍ଥିକ କଷ୍ଟ ଭୋଗି ଯାତ୍ରା କରୁଛନ୍ତି। ସମୟ ଅନୁସାରେ ସେବା ପାଇବାରୁ ମଧ ବଞ୍ଚିତ ହେଉଛନ୍ତି। ତୁରନ୍ତ ସରକାରୀ ବସ୍‌ସେବା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଜିଲା ବିଭାଗୀୟ ଅଧିକାରୀ ଗୌରବ ଜେନାଙ୍କୁ ପଚାରିବାରୁ କହିଥିଲେ, ସକାଳ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ମରାମତି ହେଉଛି। ଆସନ୍ତା ସପ୍ତାହରେ ଚଳାଚଳ କରିବ। ମାତ୍ର ଏହା ମଧ୍ୟରେ ୨ ସପ୍ତାହ ବିତିଥିଲେ ବି ଗାଡ଼ି ଚଳାଚଳ ହୋଇପାରିନାହିଁ। ଫଳରେ ଚମ୍ପୁଆ ଗଣମାଧ୍ୟମ ପ୍ରତିନିଧି ସଞ୍ଜୀବ ରାଜ, ବୀରେନ ମହାନ୍ତ ପ୍ରମୁଖ ମନ୍ତ୍ରୀ ଗଣ୍ଡଙ୍କୁ ଭେଟି ବସ୍ ଚଳାଚଳ ପାଇଁ ଦାବି କରିଥିଲେ। ମନ୍ତ୍ରୀ ପରିବହନ ବିଭାଗ ସହ ଆଲୋଚନାକରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ସୁରକ୍ଷା ବାଡ଼କୁ ଧକ୍କା ଦେଲା ଟ୍ରକ୍

ସୋର, ୧୦।୪(ଜନ୍ମେଜୟ ମିଶ୍ର)

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ବସ୍‌ଷ୍ଟାଣ୍ଡ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ମାଲ ବୋଝେଇ ଟ୍ରକ୍ ସୁରକ୍ଷା ବାଡ଼କୁ ଧକ୍କା ଦେଇଥିଲା। ଫଳରେ ତଳ ରାସ୍ତାରେ ଛିଡା ହୋଇଥିବା ଅନେକ ଅଟୋ ଓ ରାସ୍ତାରେ ଯାଉଥିବା ଲୋକମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଟ୍ରକ(ନଂ. ଡବ୍ଲ୍ୟୁବି ୪୯ ଏନ ୦୨୧୨) ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ବସ୍‌ଷ୍ଟାଣ୍ଡ ନିକଟରେ ଏକ ବସ୍ ଟ୍ରକ୍‌କୁ ସାଇଡ ମାରିଥିଲା। ଟ୍ରକ ଚାଳକ ଭାରସାମ୍ୟ ହରାଇ ରାସ୍ତାକଡ଼ ସୁରକ୍ଷା ବାଡ଼କୁ ଧକ୍କା ଦେଇ ଅଟକି ରହିଥିଲା। ସୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିଛି।

### ଆଖିବୁଜିଲେ ଆଦର୍ଶ ଶିକ୍ଷକ

ଖଇରା, ୧୦।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ ତୋରାଣିପଦା ଗ୍ରାମର ଆଦର୍ଶ ଗଣିତ ଶିକ୍ଷକ ଭାବେ ପରିଚିତ ନିତ୍ୟାନନ୍ଦ ବେହେରା(୮୯) ବୁଧବାର ରାତିରେ ଆଖିବୁଜିଛନ୍ତି। ନୟାଖଣ୍ଡି ସରପଞ୍ଚ ପ୍ରତିନିଧି ହୃଦୟ ବେହେରାଙ୍କ ସମେତ ତାଙ୍କର ବହୁ ଛାତ୍ର ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଖଇରା ଅଞ୍ଚଳରେ କାର୍ଯ୍ୟରତ ବିଭିନ୍ନ ସଙ୍ଗଠନ ବରିଷ୍ଠ ନାଗରିକ ମଞ୍ଚ, ପ୍ରତିଭା ପରିବାର, ଅବସରପ୍ରାପ୍ତ କର୍ମଚାରୀ ସଂଘ, ସାହିତ୍ୟ ସଂସଦ, ଜନଜାଗରଣ ମଞ୍ଚ ତରଫରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ଦିବଂଗତ ଶିକ୍ଷକ ବେହେରା ଡୁଗୁରା ଦର୍ଶନ ପ୍ରସାଦ ହାଇସ୍କୁଲରୁ ଶିକ୍ଷକ ଜୀବନ ଆରମ୍ଭ କରିବା ପରେ ଖଇରାରେ ମଧ୍ୟ ସ୍କୁଲ ନିରୀକ୍ଷକ ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ। ଅବସର ପରେ ଖଇରା ସତ୍ୟସାଇ ସଙ୍ଗଠନ ସହ ଜଡିତ ରହି ସାଇଧର୍ମ ପ୍ରଚାରରେ ନିଜକୁ ନିୟୋଜିତ କରିଥିଲେ।

### ଉଦ୍ୟାନ କୃଷି ବିଭାଗର ପ୍ରଶିକ୍ଷଣ କର୍ମଶାଳା

ବାହାନଗା, ୧୦।୪(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିର କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ଦ୍ୱିତୀୟ ଦିନରେ ସଭାପତିତ୍ୱ କରିଥିଲେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜ୍ୟୋତି ପ୍ରକାଶ ମହାପାତ୍ର। ମୁଖ୍ୟଅତିଥି ଭାବେ ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଯୋଗଦେଇ ଚାଷରେ କିପରି ଅଧିକ ଜୈବିକ ସାରା ପ୍ରୟୋଗ ହେବ ସେନେଇ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ କୃଷି ଅଧିକାରୀ ସୁଚିସ୍ମିତା କର, ସୌମ୍ୟ ରଞ୍ଜନ ବେହେରା, ଔପଦା ବ୍ଲକର ମାନସ ରଞ୍ଜନ ହୋତା, ଖନ୍ତାପଡ଼ା ପ୍ରାଣୀଚିକିତ୍ସା ଅଧିକାରୀ ଡକ୍ଟର ବିଶ୍ୱଜିତ୍ ମହାନ୍ତି ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ୬ଟି ପଞ୍ଚାୟତର ଚାଷୀ, ଏସଏଚଜି ସଦସ୍ୟା, ସରପଞ୍ଚ, ସମିତିସଭ୍ୟ, କୃଷକ ସାଥୀମାନେ ଅଂଶଗ୍ରହଣ କରିଥିଲେ। ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶୁଭଶ୍ରୀ ଶୁଭସ୍ମିତା ପରିଚାଳନା କରିଥିଲେ। ଉଦ୍ୟାନ ସାଥି ପଙ୍କଜ ପଣ୍ଡା, ଅତିରିକ୍ତ ଉଦ୍ୟାନ ଅଧିକାରୀ ସୁବାଶିଷ ପାତ୍ର ସହଯୋଗ କରିଥିଲେ।

### ଶିକ୍ଷା ବ୍ୟବସ୍ଥାର ସୁଧାର ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର

ବାଲେଶ୍ୱର, ୧୦।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଜିଲାର ସରକାରୀ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାର ସୁଧାର ସମ୍ପର୍କରେ ଶୁକ୍ରବାର ଶିକ୍ଷା ସୁରକ୍ଷା ମଞ୍ଚ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ୪ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ପ୍ରତ୍ୟେକ ବିଦ୍ୟାଳୟରେ ଅନୁପାତ ଭିତ୍ତିକ ଶିକ୍ଷକ ଓ ଛାତ୍ରଙ୍କ ସମନ୍ୱୟ ରଖାଯାଇ ଏକ ଶୈକ୍ଷିକ ପରିବେଶ ସୃଷ୍ଟି କରିବା, ଦୀର୍ଘ ଦିନ ଧରି ଏକ ସ୍କୁଲରେ ରହି ପତିଆରା ଦେଖାଉଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ବଦଳି କରିବା, ସରକାରଙ୍କ ମାର୍ଗଦର୍ଶିକାକୁ ପାଳନ କରିବା, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପାରଦର୍ଶିତାକୁ ଅନୁଧ୍ୟାନ କରି ସେମାନଙ୍କୁ ତାଗିଦ୍ କରିବା ଏବଂ ସମସ୍ତ ସ୍କୁଲକୁ ଶିକ୍ଷା ଅଧିକାରୀ ଅଚାନକ ଗସ୍ତ କରି ଶିକ୍ଷାକୁ ନୂଆ ଜୀବନ ଦେବା ପାଇଁ ମଞ୍ଚ ତରଫରୁ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଶିକ୍ଷା ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥଲା। ଶିକ୍ଷା ବିଭାଗର ଅନେକ ତ୍ରୁଟି ଦୀର୍ଘ ବର୍ଷ ଧରି ରହିଥିବାର ଶିକ୍ଷାଧିକାରୀ ମାନିଥିଲେ। ଦାବିପତ୍ର ପ୍ରଦାନ ବେଳେ ମଞ୍ଚ ଆବାହକ ରଘୁନାଥ ଲେଙ୍କା, ଦେବାଶିଷ ସିଂହ, ପ୍ରତିମା ପଣ୍ଡା, ପ୍ରସନ୍ନ କୁମାର ପାତ୍ର, ଜ୍ୟୋସ୍ନା ସେନାପତି, ଇକବଲ ଖାଁ, ପୂର୍ଣ୍ଣ ପଣ୍ଡା, ସନ୍ତୋଷ ସିଂହ, ତାପସ ମହାପାତ୍ର, ମିନତୀ ସେଠୀ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ଘାରିଛି ଧାନବିକ୍ରି ଚିନ୍ତା

- ରବି ଧାନ ପଞ୍ଜୀକରଣରୁ ବାଦ୍ ୧୭ହଜାର ଚାଷୀ
- ୪୯୫୧ ଚାଷୀ ବିକି ପାରିଲେନି ଖରିଫ ଧାନ

ବାଲେଶ୍ୱର, ୧୦।୪(ବାଞ୍ଛାନିଧି ଦେ)



ରୂପ୍‌ସା ଅଞ୍ଚଳରେ ରବିଧାନ ଫସଲ।

ଚଳିତବର୍ଷ ପାଇଁ ଖରିଫ ଧାନ କ୍ରୟ ଅବଧି ଶେଷ ହୋଇଛି। ବାଲେଶ୍ୱର ଜିଲାରେ ନାମ ପଞ୍ଜୀକରଣ କରିଥିବା ଚାଷୀଙ୍କ ମଧ୍ୟରୁ ୪ହଜାର ୯ଶହ ୫୧ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ଅପରପକ୍ଷରେ ରବି ଧାନ ବିକ୍ରି ପାଇଁ ଜିଲା ଅଧୀନ ବିଭିନ୍ନ ବ୍ଲକର ୧୭ହଜାରରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜିକରଣରୁ ବାଦ୍ ପଡ଼ିଛନ୍ତି। ପଞ୍ଜିକରଣ ପାଇଁ ସମୟ ସୀମା ବୃଦ୍ଧି ନେଇ ପୁନର୍ବିଚାର କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲେ ମଧ୍ୟ ଏଯାବତ୍ ଅନ୍‌ଲାଇନ୍ ପୋର୍ଟାଲ୍ ଖୋଲିନାହିଁ। ଫଳରେ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ଜିଲା କୃଷି କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ଚଳିତ ରବିଋତୁରେ ଜିଲାରେ ମୋଟ ୪୨ହଜାର ୭ଶହ ୫୭ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ପ୍ରାୟ ୫୫ହଜାର ଚାଷୀଙ୍କ ମଧ୍ୟରୁ ୩୮ହଜାର ଚାଷୀ ରବି ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଛନ୍ତି। ପାକ୍ସରେ ଖରିଫ ଧାନ କ୍ରୟରେ ବ୍ୟସ୍ତ ରହିବା ଓ ସମ୍ପାଦକଙ୍କଠାରୁ ରବି ଧାନ ପଞ୍ଜିକରଣ ପାଇଁ ସବିଶେଷ ସୂଚନା ନ ମିଳିବା କାରଣରୁ ପ୍ରାୟ ୧୭ହଜାର ଚାଷୀ ଚଳିତବର୍ଷ ପଞ୍ଜିକରଣରୁ ବାଦ୍ ପଡ଼ିବା ସହ କିପରି ଧାନ ବିକ୍ରି କରିବେ ତାହା ଚିନ୍ତାର ବିଷୟ ହୋଇଛି।

ଅପରପକ୍ଷରେ ଜିଲା ଯୋଗାଣ ବିଭାଗ ସୂଚନା ମୁତାବକ ଚଳିତବର୍ଷ ଖରିଫ ଧାନ ବିକ୍ରି ପାଇଁ ୧ଲକ୍ଷ ୨୫ହଜାର ୫୭୬ଜଣ ଚାଷୀ ପଞ୍ଜିକରଣ କରିଥିଲେ। ସରକାରଙ୍କ ପକ୍ଷରୁ ୪ଟି ପର୍ଯ୍ୟାୟରେ ୩୪ଲକ୍ଷ ୮୩ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଆସିଥିଲା। ଅବଧି ଶେଷ ସୁଦ୍ଧା ଜିଲାରେ ପଞ୍ଜିକୃତ ୧ଲକ୍ଷ ୨୦ହଜାର ୬୨୫ଜଣ ଚାଷୀଙ୍କଠାରୁ ମୋଟ ୩୩ଲକ୍ଷ ୭୧ହଜାର ୯୫୫ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଟାର୍ଗେଟ ତୁଳନାରେ ୧ଲକ୍ଷ ୧୧ହଜାର ୪୫ କୁଇଣ୍ଟାଲ ଧାନ କ୍ରୟ ହୋଇପାରିନାହିଁ। ସରକାର ଧାନ କ୍ରୟ ଅବଧି ବଢ଼ାଇଥିଲେ ମଧ୍ୟ ଜିଲା ପ୍ରଶାସନର ଅବହେଳା ଓ ମିଲରଙ୍କ ଅସହଯୋଗରୁ ଏଭଳି ପରିସ୍ଥିତି ଦେଖାଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଗୋଟିଏପଟେ ସମସ୍ତ ପଞ୍ଜିକୃତ ଚାଷୀ ସରକାରୀ ଦରରେ ଖରିଫ ଧାନ ବିକ୍ରି କରି ନ ପାରିବା ଓ ଅନ୍ୟପଟେ ରବି ଧାନ ବିକ୍ରି ପାଇଁ ପଞ୍ଜୀକରଣରୁ ବାଦ୍ ପଡ଼ିବା ଘଟଣା ଚାଷୀକୂଳକୁ ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଛି। ଆଉ ୧ ମାସ ମଧ୍ୟରେ ରବି ଧାନ ଫସଲ ଅମଳ ହେବ। ପ୍ରତିଶ୍ରୁତି ମୁତାବକ ସରକାର ଯଦି ପଞ୍ଜୀକରଣ ପାଇଁ ସମୟ ସୀମା ବୃଦ୍ଧି ନ କରିବେ ତେବେ ଚାଷୀମାନେ ବାହାର ବେପାରୀଙ୍କୁ ୧୫ରୁ ୧୭ଶହ ଟଙ୍କା କୁଇଣ୍ଟାଲରେ ଧାନ ବିକ୍ରି ପାଇଁ ବାଧ୍ୟ ହେବେ।

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି

## ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା

ବାଲେଶ୍ୱର, ୧୦।୪(ବାଞ୍ଛାନିଧି ଦେ)



ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ଏମ୍‌ପି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶୁକ୍ରବାର ସାକ୍ଷାତ କରିଛନ୍ତି। ଜିଲାର ସ୍ୱାସ୍ଥ୍ୟସେବା ସମସ୍ୟାର ସମାଧାନ ଦିଗରେ ମନ୍ତ୍ରୀଙ୍କ ସହ ସେ ଆଲୋଚନା କରିଛନ୍ତି। ବାଲେଶ୍ୱର ଏକ କ୍ୟାନ୍‌ସର ହସ୍ପିଟାଲ ସ୍ଥାପନ ସିଜିଏଚ୍‌ଏସ୍ ୱେଲନେସ୍ ସେଣ୍ଟରର ସ୍ଥାପନ ଓ ଏମ୍‌ସ ସାଟେଲାଇଟ୍ ସେଣ୍ଟରକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ କରାଇବା ଦିଗରେ ଏମ୍‌ପି ଷଡ଼ଙ୍ଗୀ ମନ୍ତ୍ରୀ ନଡ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ସେ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟସେବା ସମସ୍ୟାର ସମାଧାନ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ନଡ୍ଡା ପ୍ରତିଶ୍ରୁତି ଦେଇଥିଲେ।

# ୧୫ରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା



ସମୁଦ୍ର କୂଳରେ ଥିବା ଡଙ୍ଗା, ଭୁଟୁଭୁଟି।

ବାଲିଆପାଳ, ୧୦।୪(ଗୋପାଳ ଚନ୍ଦ୍ର ସାହୁ)

ଦକ୍ଷିଣ ବାଲିଆପାଳ ସମୁଦ୍ରକୂଳିଆ ଅଞ୍ଚଳର ଲୋକମାନେ ସମୁଦ୍ରରୁ ମାଛ ଧରି ଜୀବିକାନିର୍ବାହ କରନ୍ତି। ସରକାର ମତ୍ସ୍ୟଜୀବୀମାନଙ୍କୁ ଏପ୍ରିଲ ୧୫ରୁ ଜୁନ୍ ୧୪ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ଯିବା ପାଇଁ ମନା କରିଛନ୍ତି। ଫଳରେ ସମୁଦ୍ର ଉପରେ ନିର୍ଭର କରି ଚଳୁଥିବା ହଜାର ହଜାର ମତ୍ସ୍ୟଜୀବୀ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ବର୍ତ୍ତମାନ ସମୁଦ୍ରରେ ମାଛମାନଙ୍କର ପ୍ରଜନନ ସମୟ ହୋଇଥିବାରୁ ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ବିଧିବଦ୍ଧ ଭାବରେ ସମୁଦ୍ରରେ ମାଛ ଧରିବା ବନ୍ଦ ଘୋଷଣା ହେବା ପରେ ସମୁଦ୍ର ଉପରେ ନିର୍ଭର କରି ଚଳୁଥିବା ହଜାର ହଜାର ମତ୍ସ୍ୟଜୀବୀ ପରିବାର ମୁଣ୍ଡରେ ଚଡ଼କ ପଡିଛି। ଦୁଇମାସ ଘରେ ହାତବାନ୍ଧି ବସିବାକୁ ପଡିବ। ପରିବାର କେମିତି ଚାଲିବ। ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ନିୟମ ୧୯୮୨ ଅନୁଯାୟୀ ବର୍ତ୍ତମାନ ମାଛ ଓ କଇଁଛଙ୍କ ଅଣ୍ଡାଦାନ ସମୟ ହୋଇଥିବାରୁ ପ୍ରତିବର୍ଷ ଏହି ଦୁଇମାସ ସମୁଦ୍ରରେ ମାଛଧରା ବନ୍ଦ ରହିଥାଏ। ତେଣୁ ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ସମସ୍ତ ଯନ୍ତ୍ରଚାଳିତ ଡଙ୍ଗା, ଟ୍ରଲର ଆଦି ସମୁଦ୍ରକୁ ନ ଯିବାକୁ ବିଧିବଦ୍ଧ ଭାବରେ ଘୋଷଣା କରାଯାଇଛି। ଦକ୍ଷିଣ ବାଲିଆପାଳର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ସମୁଦ୍ରରୁ ମାଛ ଧରି ପେଟ ପୋଷୁଥିବା ଲକ୍ଷାଧିକ ଲୋକ ଏବେ ରୋଜଗାରଶୂନ୍ୟ ହୋଇଯିବେ। ଚଉମୁଖଠାରୁ ହସ୍କାରା ମୁହାଣ ପର୍ଯ୍ୟନ୍ତ ସମସ୍ତ ମତ୍ସ୍ୟଜୀବୀ ଜୀବିକା ହରାଇ କୂଳରେ ଡଙ୍ଗା ବାନ୍ଧି ଦୁଃଖ କଷ୍ଟ ଭୋଗିବେ। ତେଣୁ ରାଜ୍ୟ ସରକାର ଓ ମତ୍ସ୍ୟ ବିଭାଗକୁ ଉକ୍ତ ଦୁଇମାସ ସହାୟତା ପ୍ରଦାନ କରିବା ପାଇଁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ସରକାରଙ୍କଠାରେ ଦାବି କରୁଛନ୍ତି ।

# କମର୍ଦ୍ଦା ଥାନା ଆଗରେ ଧାରଣା ଦେଲେ ଗ୍ରାମବାସୀ

ଭୋଗରାଇ, ୧୦।୪ (ପ୍ରଦୀପ ଦାସ)



ସୁବର୍ଣ୍ଣରେଖାରୁ ବାଲି ଉତ୍ତୋଳନ ବନ୍ଦ ଓ ବେଆଇନ ବାଲି ଚୋରା କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନାରେ ଶୁକ୍ରବାର ମନୁନଗର ଗ୍ରାମବାସୀ ପ୍ରତୀକ ଧାରଣା ଦେଇଥିଲେ। ୫୦ରୁ ଅଧିକ ଗ୍ରାମବାସୀ ଦୀର୍ଘସମୟ ଧାରଣା, ବିକ୍ଷୋଭ ଓ ନାରାବାଜି ପ୍ରଦର୍ଶନ କରିବା ପରେ କମର୍ଦ୍ଦା ପୋଲିସ ବାଲି ଚୋରା ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖିଥିବା ଘୋଷଣା କରିଥିଲେ।

ସୁବର୍ଣ୍ଣରେଖା ନଦୀତଟରୁ ବେଆଇନ ଭାବେ ଚୋରା ବାଲି ବ୍ୟବସାୟୀମାନେ ଅବାଧ ବାଲି ଉତ୍ତୋଳନ କରିଆସୁଥିବାବେଳେ ଗାଁଗୁଡିକ ନିଦୀ ଆଁ ଭିତରକୁ ଚାଲି ଆସୁଥିବା ଅଭିଯୋଗ ହୋଇ ଆସୁଛି। ଏଭଳି ସ୍ଥିତିରେ ମନୁନଗର ଗ୍ରାମବାସୀ ମିଳିତ ହୋଇ ନିକଟରେ ନଦୀରୁ ଡଙ୍ଗାରେ ବାଲି ଉତ୍ତୋଳନ ହେଉଥିବା ସୂଚନା ପାଇ ୩ଟି ବାଲି ବୋଝେଇ ଡ଼ଙ୍ଗା ଜବତ କରି ପୋଲିସକୁ ଖବର ଦେଇଥିଲେ। କମର୍ଦ୍ଦା ପୋଲିସ ପହଞ୍ଚି ୩ଟି ଡଙ୍ଗାକୁ ଜବତ କରିବାସ ହିତ ଅଭିଯୋଗ ଭିତ୍ତିରେ ଡ଼ଙ୍ଗା ମାଲିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଦ୍ୟାବଧି ଚୋରା ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାରେ ବିଳମ୍ବ ଯୋଗୁ ଗ୍ରାମବାସୀମାନେ ଧାରଣାରେ ବସିଥିଲେ।

## ଗଛକଟାକୁ କେନ୍ଦ୍ର କରି ଗଣ୍ଡଗୋଳ

ବାଲିଆପାଳ, ୧୦।୪(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳରାମପୁର ଗ୍ରାମରେ ପ୍ରଭୁରାମ ସାହୁଙ୍କ ବାଡିରୁ ସମ୍ପର୍କୀୟ ଭାଇ ସନ୍ତୋଷ ସାହୁ ବଳ ପୂର୍ବକ ଭାବେ ଗଛ କାଟି ନେବାରୁ ପ୍ରଭୁରାମ ବିରୋଧ କରି ଗୁରୁବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ. ୧୦୭/୨୬) ରୁଜୁ କରି ବାଲିଆପାଳ ତହସିଲଦାରଙ୍କୁ ହସ୍ତାନ୍ତର କରିଥିଲେ। ଘଟଣାସ୍ଥଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ତହସିଲ ପକ୍ଷରୁ ଦୁଇ ପକ୍ଷକୁ ନୋଟିସ ଜାରି କରାଯାଇଥିଲା। ମାତ୍ର ସନ୍ତୋଷ ସାହୁ ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରି ପୁଣି ଅପରାହ୍ନରେ ଥରେ ଗଛ କାଟିବା ପାଇଁ ଯାଇଥିବା ବେଳେ ଦୁଇ ପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଦୁଇ ପକ୍ଷ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ବର-ଅଶ୍ୱତ୍‌ଥଙ୍କ ବିବାହ କଲେ ଦମ୍ପତି

ନୀଳଗିରି, ୧୦।୪(ପ୍ରଶାନ୍ତ ବିଶ୍ୱାଳ)

## ପୁଅର ଆରୋଗ୍ୟ କାମନା



ଅଶ୍ୱତ୍‌ଥ ଗଛର ବିବାହ ହେଉଛି।

ବିଶ୍ୱାସ ଓ ପରମ୍ପରାର ଏକ ନିଆରା ଚିତ୍ର ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ପେଣ୍ଡରାସାହି ଗ୍ରାମରେ। ପୁଅର ଦୁରାରୋଗ୍ୟ ବ୍ୟାଧି ଭଲ କରିବା ପାଇଁ ଭଗବାନଙ୍କ ଶରଣାପନ୍ନ ହୋଇ ଏକ ଦମ୍ପତି ବର ଓ ଅଶ୍ୱତ୍‌ଥ ଗଛର ବିବାହ ସମ୍ପନ୍ନ କରିଛନ୍ତି। ୧୨ବର୍ଷର ଅପେକ୍ଷା ଓ ନିଆରା ସଂକଳ୍ପ ନେଇ ଗ୍ରାମର ଅଭିରାମ ସାମଲ ପ୍ରାୟ ୧୨ବର୍ଷ ପୂର୍ବେ ନିଜ ବିଲ ପାଖରେ ଏକ ବର ଓ ଏକ ଅଶ୍ୱତ୍‌ଥ ଗଛ ଲଗାଇଥିଲେ। ଦୀର୍ଘ ୧୨ ବର୍ଷ ଧରି ସେ ଏହି ବୃକ୍ଷ ଦ୍ୱୟକୁ ଯତ୍ନର ସହ ବଢ଼ାଇଥିବା ବେଳେ ଶୁକ୍ରବାର ସମ୍ପୂର୍ଣ୍ଣ ଓଡ଼ିଆ ରୀତିନୀତି ଅନୁସାରେ ଏହି ଦୁଇ ବୃକ୍ଷଙ୍କର ବିବାହ ସମ୍ପନ୍ନ କରାଯାଇଛି। ଅଭିରାମ ଓ ତାଙ୍କ ସ୍ତ୍ରୀ ରେଣୁକା କର୍ତ୍ତା ଭାବେ ରହି ଏହି ବିବାହ ପରିଚାଳନା କରିଥିଲେ। ଏହି ଉତ୍ସବ କେବଳ ଗୋଟିଏ ପରିବାର ମଧ୍ୟରେ ସୀମିତ ନ ରହି ଏକ ସାମୂହିକ ଉତ୍ସବର ରୂପ ନେଇଥିଲା। ଗ୍ରାମବାସୀଙ୍କ ପରାମର୍ଶ ଓ ସକ୍ରିୟ ସହଯୋଗରେ ସମସ୍ତ କାର୍ଯ୍ୟ ହୋଇଥିଲା। ବାହାଘର ଅବସରରେ ବରଯାତ୍ରୀ ଓ ଅତିଥିଙ୍କ ପାଇଁ ଭୋଜି ଆୟୋଜନ କରାଯାଇଥିଲା। ଯେଉଁଥିରେ ପ୍ରାୟ ୭୦୦ ଲୋକ ଯୋଗଦେଇଥିଲେ। ଅମରେଶ ସାମଲ, ଅଲେଖ ଘୋଷ, ବ୍ରଜକାନ୍ତ ଦାସ, ନବକୁମାର ସାମଲଙ୍କ ଭଳି ଅନେକ ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଆୟୋଜନ ପଛରେ ରହିଛି ଏକ କାହାଣୀ। ଅଭିରାମଙ୍କ ୧୩ ବର୍ଷୀୟ ପୁଅ ଜନ୍ମରୁ ଥାଲେସେମିଆ ରୋଗରେ ପୀଡ଼ିତ। ବହୁ ଚିକିତ୍ସା ପରେ ମଧ୍ୟ ପୁଅର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ସୁଧାର ନ ଆସିବାରୁ ଦମ୍ପତି ଆଧ୍ୟାତ୍ମିକ ବିଶ୍ୱାସର ସାହାରା ନେଇଛନ୍ତି। ବର ଓ ଅଶ୍ୱତ୍‌ଥ ଗଛରେ ଶିବ-ପାର୍ବତୀଙ୍କ ବାସ ଥାଏ। ସେମାନଙ୍କ ବିବାହ କରାଇଲେ ଭଗବାନଙ୍କ କୃପା ମିଳିଥାଏ। ଆମର ବିଶ୍ୱାସ, ମହାପ୍ରଭୁଙ୍କ ଆଶୀର୍ବାଦରୁ ଆମ ପୁଅ ନିଶ୍ଚୟ ଭଲ ହୋଇଯିବ ବୋଲି ଭାବବିହ୍ୱଳ ହୋଇ କହିଛନ୍ତି ସାମଲ ଦମ୍ପତି।

## ସିମୁଳିଆ କଲେଜରେ ରକ୍ତଦାନ ଶିବିର

### ଭଦ୍ରକ ରେଡକ୍ରସକୁ ୧୯ୟୁନିଟ ରକ୍ତ ପ୍ରଦାନ

ସିମୁଳିଆ, ୧୦।୪(ସନ୍ତୋଷ ନାୟକ)

ଓଡିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ସିମୁଳିଆ କଲେଜ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ ଓ ଭାରତ ସ୍କାଉଟ ଓ ଗାଇଡ ଦ୍ୱାରା ଅନୁଷ୍ଠିତ ଶିବିରରେ ୧୯ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଭଦ୍ରକ ରେଡକ୍ରସ ସୋସାଇଟିକୁ ହସ୍ତାନ୍ତର କରାଯାଇଥିଲା । କଲେଜର ରେଡକ୍ରସ ଅଫିସର ମାନସ କୁମାର ସାହୁ, ଏନଏସଏସ୍ ଅଫିସର ରାଜଶ୍ରୀ ମହାନ୍ତି, ସ୍କାଉଟ ଓ ଗାଇଡ ଅଫିସର ପ୍ରଶାନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ କଲେଜ ଅଧ୍ୟକ୍ଷ ଅର୍ଜୁନ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପକ ଡ. ଅଜିତ କୁମାର ମହାନ୍ତି, ଡ. ବିଶ୍ୱରଞ୍ଜନ ଦାଶ, ଡ. ଭାଗିରଥି ପାତ୍ର ପ୍ରମୁଖ ସହଯୋଗୀ ଥିଲେ। ଭଦ୍ରକ ରେଡକ୍ରସର ଲିଲିମା ସ୍ୱାଇଁ, ମନୀଶା ଜେନା, ଯାଜ୍ଞସେନୀ ସାହୁ, ବଳରାମ ପୁହାଣ, ପ୍ରକାଶ ବେହେରା ପ୍ରମୁଖ ଥିଲେ।

# ବ୍ଲକ ପରିସରରେ ଲୋକକଳା ଦିବସ



ଲୋକକଳା ଦିବସ ପାଳନ ଅବସରରେ କଳାକାରଙ୍କୁ ସମ୍ମାନିତ କରାଯାଉଛି।

ବାହାନଗା, ୧୦।୪(ଅରୂପ କୁମାର ଦାସ)

ଓଡ଼ିଆ ପକ୍ଷ-୨୦୨୬ ଉପଲକ୍ଷେ ଶୁକ୍ରବାର ବାହାନଗା ବ୍ଲକ ପରିସରରେ ଲୋକକଳା ଦିବସ ପାଳିତ ହୋଇଯାଇଛି। ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ବ୍ଲକ ସଭାଗୃହରେ ଲୋକ କଳାଦିବସ ପାଳିତ ହୋଇଛି। କଳାକାର ବନ୍ଧୁମାନଙ୍କ ମଧ୍ୟରେ କେମିତି ଲୋକକଳା ସାରା ପୁରପଲ୍ଲୀରେ ଉଦ୍‌ଜୀବିତ ହେବ ଓ ଏହି କଳା ପ୍ରତି କେମିତି ଲୋକମାନେ ଉତ୍ସାହିତ ହେବେ ସେଥିପାଇଁ ରାଜ୍ୟ ସରକାରଙ୍କର ଏହା ଏକ ଛୋଟ ପ୍ରୟାସ ବୋଲି ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ। ସଭାରେ ସଭାପତିତ୍ୱ କରିଥିଲେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଯୋଗଦେଇ ଲୋକକଳାକୁ ବଞ୍ଚାଇ ରଖିବାର ପ୍ରୟାସକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ ମହାନ୍ତି, ନୀଳଗିରି ନିର୍ବାଚନମଣ୍ଡଳୀର ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ୍ଲ ସାମନ୍ତରାୟ, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଗଜେନ୍ଦ୍ର ଜେନା, ଏବିଡିଓ ପ୍ରତିଶ ରଞ୍ଜନ ସ୍ୱାଇଁ, ସାମାଜିକ କର୍ମୀ ତଥା ଆଇନଜୀବୀ ରବୀନ୍ଦ୍ର ଧାମୁଡ଼ିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୩ଜଣ ବୟଜ୍ୟେଷ୍ଠ ଲୋକ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ମହିଳା ପାଲାଗାୟକମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇ ଅନ୍ୟ କଳାକାରମାନଙ୍କୁ ଉତ୍ସାହିତ କରାଯାଇଥିଲା।

# ଅବହେଳିତଙ୍କୁ ଥଇଥାନ ମା' ବାପାଙ୍କ ପାଇଁ ପ୍ରକୃତ ଅବଦାନ




ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଖଇରା, ୧୦।୪(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ଅଧୀନ ପଦୁନା ସ୍କୁଲ ନିକଟରେ ଶିକ୍ଷକ ମାୟାଧର ସାହୁ ଓ ତାଙ୍କର ଭାଇମାନେ ପିତାଙ୍କ ସ୍ମୃତିରେ ନିଜ ସଞ୍ଚିତ ଅର୍ଥରୁ ଆରମ୍ଭ କରିଥିବା ଯଶୋବନ୍ତ ବୃଦ୍ଧାଶ୍ରମ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୮, ୧୯ ଓ ୨୦ତାରିଖରେ ଏହାର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଏକ ଖବରଦାତା ସମ୍ମିଳନୀ ଗୁରୁବାର ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିବା ଅବସରରେ ଅବହେଳିତଙ୍କୁ ଥଇଥାନ ବା ସେବା ମା'ବାପାଙ୍କ ପାଇଁ ପ୍ରକୃତ ଅବଦାନ ବୋଲି ପ୍ରକାଶ କରିଥିଲେ। ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ଓ ସମ୍ପାଦକ ମାୟାଧର ସାହୁ ଟ୍ରଷ୍ଟ ଗଠନ କାର୍ଯ୍ୟ, ସେବାଶ୍ରମ ପରିଚାଳନା ପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଉପଦେଷ୍ଟା ମୁକ୍ତିକାନ୍ତ ଶତପଥି, ସାଗର ସାହୁ, କୋଷାଧ୍ୟକ୍ଷ ଷଡାନନ ପାଣିଗ୍ରାହୀ, ସଭ୍ୟ ଯୁଧିଷ୍ଠିର ମହାରଣା ପ୍ରମୁଖ ସେବାଶ୍ରମ ଗରିବ, ନିଷ୍ପେସିତ ଓ ଅସହାୟଙ୍କ ପାଇଁ ସମର୍ପିତ। ସେବାଶ୍ରମରେ ମୋଟ ୩୦ଶଯ୍ୟା ମଧ୍ୟରୁ ୬ଟି କୋଠରୀ ଜଣକିଆ, ୨ଟି ଦମ୍ପତି ଓ ଗୋଟିଏ କୋଠରୀ ଅସୁସ୍ଥଙ୍କ ପାଇଁ ଉଦ୍ଦିଷ୍ଟ। ତେବେ ପ୍ରତିଷ୍ଠା ପରେ ଆବେଦନକାରଙ୍କ ସମ୍ପର୍କରେ ବିଚାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ

## ଭାରତୀୟ ଜ୍ଞାନ ପରମ୍ପରା ଓ ସାମଗ୍ରିକ ଶିକ୍ଷା: ନୀତି, ସମସ୍ୟା ଓ ସୁଯୋଗ

ବାଲେଶ୍ୱର, ୧୦।୪(ବାଞ୍ଛାନିଧି ଦେ)




ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ ଗବେଷକ।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଦୁଇଦିନ ବ୍ୟାପୀ ଆୟୋଜିତ 'ଭାରତୀୟ ଜ୍ଞାନ ପରମ୍ପରା ଓ ସାମଗ୍ରିକ ଶିକ୍ଷା: ନୀତି, ସମସ୍ୟା ଓ ସୁଯୋଗ' ସମ୍ପର୍କିତ ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ମୂଲ୍ୟାଧାରିତ ଶିକ୍ଷାର ଆବଶ୍ୟକତା, ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା ଏବଂ ଜ୍ଞାନ ସୃଷ୍ଟି ଓ ପ୍ରସାରଣରେ ଦେଶୀୟ ଭାଷାମାନଙ୍କର ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର କାହ୍ନୁଚରଣ ସାହୁ ଯୋଗଦେଇ ବିଶ୍ୱବିଦ୍ୟାଳୟର ଶିକ୍ଷାନୁକୂଳ ପରିବେଶ ଓ ପ୍ରଶାସନିକ ନେତୃତ୍ୱକୁ ପ୍ରଶଂସା କରିଥିଲେ। କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭରତ କୁମାର ପଣ୍ଡା ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମଞ୍ଚାସୀନ ହୋଇ ଆଧୁନିକ ଶିକ୍ଷା ପ୍ରଣାଳୀରେ ଭାରତୀୟ ଜ୍ଞାନ ପରମ୍ପରାକୁ କିପରି ସମନ୍ୱୟ କରାଯାଇପାରେ ସେ ଦିଗରେ ଆଲୋଚନା କରିଥିଲେ। ବିଭାଗ ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ସ୍ୱାଗତ ବକ୍ତବ୍ୟ ଓ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରଫେସର ଜ୍ୟୋତିଶଙ୍କର ପ୍ରଧାନ ବିଷୟବସ୍ତୁର ଆବଶ୍ୟକତା ଉପସ୍ଥାପନା କରିଥିଲେ। ଡ. ପ୍ରତିମା ପ୍ରଧାନ ଏହାର ଶିକ୍ଷାତ୍ମକ ଓ ସାମାଜିକ ଗୁରୁତ୍ୱ ଉଲ୍ଲେଖ କରିଥିଲେ। ଶେଷରେ ଡ. ରଞ୍ଜନ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ପ୍ରଫେସର ଭୁଜେନ୍ଦ୍ର ନାଥ ପଣ୍ଡା, କେନ୍ଦ୍ରୀୟ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ ସକ୍ସେନା ଓ ପ୍ରଫେସର ଭରତ କୁମାର ପଣ୍ଡା ଯୋଗଦେଇ ଉଚ୍ଚ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାର ଭବିଷ୍ୟତ ଉପରେ ମତବ୍ୟକ୍ତ କରିଥିଲେ।





# ଲୁଇପା ଡିଗ୍ରୀ କଲେଜରେ ରକ୍ତଦାନ ଶିବିର

ଉଦଳା,୧୦।୪(ସନ୍ତୋଷ କୁମାର ବାଛିନୀ)

ଓଡ଼ିଆ ପକ୍ଷ–୨୦୨୬ ପାଳନ ଅବସରରେ ରାଢ଼ୋସ୍ଥିତ ଲୁଇପା ଡିଗ୍ରୀ ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ଆନୁକୂଲ୍ୟରେ ଶିବିର ଅନୁଷ୍ଠିତ ହୋଇଥିଲା। ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ମହାପାତ୍ର ରକ୍ତଦାନର ମହତ୍ୱ ଓ ସମାଜ ପାଇଁ ଏହାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏହି ଅବସରରେ ଏନସିସି ଅଫିସର ଲେଫ୍ଟନାଣ୍ଟ କୁମାର ଖୁଣ୍ଟିଆ, ଜାତୀୟ ସେବା ଯୋଜନା ଅଧିକାରୀ ସମୀର କୁମାର ନାୟକ ଓ ଶୁଭଶ୍ରୀ ବେହେରା, ଯୁବ ରେଡକ୍ରସ ଅଧିକାରୀ ସୁବାଷ କୁମାର ନାୟକ, ବରିଷ୍ଠ ଅଧ୍ୟାପକ କାର୍ତ୍ତିକ କୁମାର ଆଚାର୍ଯ୍ୟ, ଦୀପ୍ତିମାନ ଦେ, ଭାରତୀ ଗିଡ଼ି, ସୁଚେତା ମହାପାତ୍ର, ଦୀପକ କୁମାର ବେହେରା, ଅରବିନ୍ଦ ସେଠୀ, ବିପିନ ବିହାରୀ ସିଂ, ତପନ କୁମାର ସାହୁ, ସୁଚିତ୍ରା ମହାପାତ୍ର, ମଧୁସ୍ମିତା ପାତ୍ର ଓ ସମସ୍ତ ଶିକ୍ଷା ତଥା ଅଣଶିକ୍ଷା କର୍ମଚାରୀ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ମୋଟ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ଆଜିଠୁ ଦୁଲୁକିବ ଛଉ ପଡ଼ିଆ

ବାରିପଦା,୧୦।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

## ଚୈତ୍ରପର୍ବ ସମ୍ପର୍କରେ ସୂଚନା ଦେଲେ ଅତିରିକ୍ତ ଜିଲାପାଳ

ଚଳିତ ବର୍ଷ ମୟୂରଭଞ୍ଜ ଜିଲା ପ୍ରଶାସନ ତରଫରୁ ପ୍ରସିଦ୍ଧ ଚୈତ୍ର ପର୍ବକୁ ଏକ ଭିନ୍ନ ଢଙ୍ଗରେ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି। ଏହି ପ୍ରସିଦ୍ଧ ପାରମ୍ପରିକ ଉତ୍ସବର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖି ଦର୍ଶକମାନଙ୍କ ପାଇଁ ଏହାକୁ ଅଧିକ ଆକର୍ଷଣୀୟ କରିବା ତଥା ଜାତୀୟ ସ୍ତରରେ ଏହାକୁ ଜନାଦୃତ କରିବା ପାଇଁ ଉକ୍ତ ଉତ୍ସବରେ କିଛି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯୋଡ଼ାଯାଇଛି। ଚୈତ୍ର ପର୍ବ ବାରିପଦା ସ୍ଥିତ ଛଉ ପଡ଼ିଆଠାରେ ଏପ୍ରିଲ ୧୧ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଚୈତ୍ର ପର୍ବ ସହିତ ସମାନ୍ତରାଳ ଭାବେ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ଏହି ପଲ୍ଲୀଶ୍ରୀ ମେଳାରେ ୧୫୦ଟି ଷ୍ଟଲ ବସିବ। ଯେଉଁଥିରେ ସ୍ଥାନୀୟ ଅଞ୍ଚଳ, ରାଜ୍ୟର ୨୦ ଜିଲା ଓ ରାଜ୍ୟ ବାହାରର ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରୟ ହେବ।

ପ୍ରଥମ ଦିନ ଅପରାହ୍ନରେ ଏକ କାର୍ଣ୍ଣିଭାଲ ଶୋଭାଯାତ୍ରା ମା' ଅମ୍ବିକାଙ୍କ ମନ୍ଦିରଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରିବ। ବାଣ, ରୋଷଣୀ, ରଙ୍ଗୋଲି, ଡିଜେ ସାଉଣ୍ଡ ଏବଂ ମୟୂରଭଞ୍ଜ ତଥା ଓଡ଼ିଶାର ଲୋକକଳା ସହିତ ଜଡ଼ିତ କଳସ ଯାତ୍ରା, ଘୋଡାନାଚ ଝୁମର ନାଚ, ଆଦିବାସୀ ନୃତ୍ୟ ଇତ୍ୟାଦି ପ୍ରଦର୍ଶନ ମାଧ୍ୟମରେ ସହର ପରିକ୍ରମା କରି ଛଉ ପଡ଼ିଆଠାରେ ପହଞ୍ଚିବ। ଉଦ୍‌ଘାଟନୀ ଉତ୍ସବ ପରେ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ଦଳ ଦ୍ୱାରା ମିଳିତ ଭାବେ ଛଉ ନୃତ୍ୟ ପରିବେଷଣ ହେବ। ପରେ ରାଜସ୍ଥାନର ମଙ୍ଗନି ଡ୍ୟାନ୍ସ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଓ ଜିଲାର ଗ୍ରାମାଞ୍ଚଳ ଛଉନୃତ୍ୟ ଦଳ ଦ୍ୱାରା ଛଉନୃତ୍ୟ ପରିବେଷଣ ହେବ।

୧୨ତାରିଖ ସନ୍ଧ୍ୟାରେ ଓଡ଼ଶୀ ନୃତ୍ୟ ପରେ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ଦଳ ଦ୍ୱାରା ଛଉ ନୃତ୍ୟ ପରିବେଷଣ ହେବ। ସେହିପରି ତୃତୀୟ ଦିନ ସନ୍ଧ୍ୟାରେ ଡ୍ରପ ଦି ବିଟ, ଟିକମିକ ରିମିକ୍ସ, ଗୁରୁକୁଳ ଏବଂ ଆଦ୍ୟା ପକ୍ଷରୁ ନୃତ୍ୟ ପରିବେଷଣ ହେବା ପରେ ଚୈତ୍ର ପର୍ବର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଚତୁର୍ଥ ଦିନ ସନ୍ଧ୍ୟାରେ ମହାରାଷ୍ଟ୍ର ଲୋଭାନୀ ଡ୍ୟାନ୍ସ ଓ କେରଳର କଳାକାରଙ୍କ ଦ୍ୱାରା କଳାରିପାୟତୁ ପରିବେଷଣ ହେବ। ୫ମ ସନ୍ଧ୍ୟାରେ କଳାହାଣ୍ଡିର ବଜସାଲ ଡ୍ୟାନ୍ସ, ରାଜସ୍ଥାନର ଲବେଲିଆ ଡ୍ୟାନ୍ସ ଓ ହାଇଦ୍ରାବାଦର ମାଲ ଖମ୍ବ ନୃତ୍ୟ ପରିବେଷଣ ହେବ। ଏଥି ସହିତ ଓଡ଼ିଶାର ସାଂସ୍କୃତିକ ପରମ୍ପରା ଏବଂ ହସ୍ତଶିଳ୍ପକୁ ଜନାଦୃତ କରିବା ପାଇଁ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଇତିହାସ ଓ ଛଉ ଉପରେ ପର୍ଯ୍ୟବେଶିତ ଲେଜର ଶୋ ମଧ୍ୟ ଲୋକେ ଉପଭୋଗ କରିପାରିବେ। ଛଉ ଉପରେ ଆଧାରିତ ବାଲୁକା ଶିଳ୍ପ ପ୍ରଦର୍ଶିତ ହେବ ବୋଲି ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ସୂଚନା ଦେଇଛନ୍ତି।

# ଓଡ଼ିଆ ନାମ ଫଳକକୁ ନେଇ ସ୍ୱତନ୍ତ୍ର ଅଭିଯାନ

ମୋରଡ଼ା,୧୦।୪ (ସ୍ମାରକ ମାଜୀ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ଓଡ଼ିଶାରେ ପାଳିତ ହେଉଛି ଓଡ଼ିଆ ପକ୍ଷ–୨୦୨୬। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ତଥା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମ ଫଳକ ଲଗାଇବା ବାଧ୍ୟତାମୂଳକ। ଏହା ଫଳରେ ଓଡ଼ିଆ ଭାଷାର ଅଧିକ ପ୍ରଚାରପ୍ରସାର ହେବା ସହିତ ଓଡ଼ିଆ ଅସ୍ମିତାର ମଧ୍ୟ ଗୁରୁତ୍ୱକୁ ସମସ୍ତେ ବୁଝି ପାରିବେ। ଏହି ଅବସରରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ, ବାରିପଦା ଦ୍ୱାରା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ବିଭିନ୍ନ ଦୋକାନ, ଶିକ୍ଷାନୁଷ୍ଠାନରେ ଓଡ଼ିଆ ଭାଷାରେ ନାମ ଫଳକ ଲଗାଇବା ପାଇଁ ତାଗିଦା କରାଯାଇଛି। ଚିତ୍ରଡ଼ା ଏନ୍‌ଏସିରେ ଥିବା ମୋଟ ୩୬ଟି ବାଣିଜ୍ୟିକ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଆସନ୍ତା ଏପ୍ରିଲ ୧୮ ସୁଦ୍ଧା ଓଡ଼ିଆ ଭାଷାରେ ସୁସ୍ପଷ୍ଟ ଓ ସୁଦୃଶ୍ୟ ଅକ୍ଷରରେ ନାମ ଫଳକ ଲେଖିବା ପାଇଁ କୁହାଯାଇଛି। ଉକ୍ତ ଅଭିଯାନକୁ ଜିଲା ଶ୍ରମ ଅଧିକାରୀ ଚନ୍ଦନ ମୁର୍ମୁଙ୍କ ନେତୃତ୍ୱରେ ହୋଇଥିବା ବେଳେ ସହକାରୀ ଶ୍ରମ ଅଧିକାରୀ ପାନମଣି ସୋରେନ, ଗୋବିନ୍ଦ ସୋରେନ ଓ ତନ୍ମୟ କୁମାର ବସା ପ୍ରମୁଖ ପରିଚାଳନା କରିଥିଲେ।

# ସରିଲା ମାଦଳ ମହୁରି ଉତ୍ସବ


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବାରିପଦା,୧୦।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ନାଟକ ମରୀଚିକାର ଛାଇ ମଞ୍ଚସ୍ଥ

ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନରେ ଦୁର୍ଯ୍ୟା–ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୩ଦିନିଆ ମାଦଳ ମହୁରି ଉତ୍ସବ–୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ କ୍ଷୀରୋଦ ସିଟଙ୍କ ରଚିତ ତଥା ନିର୍ଦ୍ଦେଶିତ ନାଟକ 'ମରୀଚିକାର ଛାଇ'ରେ କାକୋଲୀ ନନ୍ଦି ଓ କ୍ରିଷ୍ଣା ଦାସଙ୍କ ଅଭିନୟ ଦର୍ଶକଙ୍କୁ ସ୍ତବ୍ଧ କରିଥିଲା। ପରିଷଦର ମୁଖ୍ୟ ସଂଯୋଜକ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ବିଶିଷ୍ଟ ନାଟ୍ୟକାର ହରିଶ ଚନ୍ଦ୍ର ବେହେରା, ପୂର୍ବତନ ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର, ପ୍ରଫେସର ଝରଣା ବେହେରା, ଅଭିନେତା ନିର୍ଦ୍ଦେଶକ ଅନ୍ନଦା ଶଙ୍କର ଦାଶ, ରାଜେଶ ଦାଶ ଓ ଗୋକୁଳ ଚନ୍ଦ୍ର ଦାସ, ଶିଶୁ ନାଟ୍ୟକାର ଇ. ମନୋଜ କୁମାର ଦଳବେହେରା, ଗୀତିକାର ତଥା ପୂର୍ବତନ ଅଧ୍ୟକ୍ଷ ସୁନୀଲ କୁମାର ଜେନା ଓ ରବି ଚାଉପଟ୍ଟନାୟକ ପ୍ରମୁଖ ଯୋଗଦେଇ ମାଦଳ ମହୁରି ଉତ୍ସବର ପରିକଳ୍ପନା ପାଇଁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ ।

ଏହି ଅବସରରେ ନାଟକ କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ନାଟ୍ୟକାର ହରିଶ ଚନ୍ଦ୍ର ବେହେରା ଏବଂ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ସୁଧାମୟୀ ଦାସ ଓ କାବେରୀ ମିଶ୍ରଙ୍କୁ ଶ୍ରୀକାନ୍ତ ଦେ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । କୁନି ଓଡ଼ିଶୀ କଳାକାର ନୟନିକା ମହାନ୍ତିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା । ସୋମନାଥ ସିଂହ ଓ ଗୌରବ ସିଟ ମଞ୍ଚ ପରିଚାଳନା କରିଥିଲେ। ମା' ତୁଳସୀ କୁଡ଼ମାଲୀ ନୃତ୍ୟ ଦଳର ଝୁମର ନୃତ୍ୟ ମଧ୍ୟରେ ଅନିରୁଦ୍ଧ ଜେନାଙ୍କ ତରଫରୁ ଟ୍ରଫି ଓ ଅନୁଷ୍ଠାନ ତରଫରୁ ପ୍ରମାଣପତ୍ର ସୌଖିନ କଳାକାର କ୍ଲବର ସମ୍ପାଦକ ଅନିଲ କୁମାର ପ୍ରଧାନ ଓ ଦୁର୍ଯ୍ୟା ସାହିତ୍ୟ ସାଂସ୍କୃତିକ ପରିଷଦର ଉପ ସଭାପତି ସବିତା ସିଟଙ୍କ ଦ୍ୱାରା ସମସ୍ତ ନାଟକର ନିର୍ଦ୍ଦେଶକ ଓ କଳାକାରଙ୍କୁ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

# ପଶୁଦା ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ



ଅତିଥିମାନେ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଗୋପବନ୍ଧୁ ନଗର,୧୦।୪
(ଶାନ୍ତନୁ କୁମାର ମଣ୍ଡୁଆଲ)

ଗୋପବନ୍ଧୁ ନଗର ବ୍ଲକ ପଶୁଦା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଓ ଉପ ଜିଲାପାଳ ସୁଶାନ୍ତ କୁମାର ବାରିକ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରିବା ସହ ସୁବର୍ଣ୍ଣ ଜୟନ୍ତୀ ଫଳକ ଉନ୍ମୋଚନ କରିଥିଲେ। ପୁରାତନ ଛାତ୍ରଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ସ୍ଥାନୀୟ ଗ୍ରାମର ଶିବ ମନ୍ଦିରରୁ ବାହାରି ଗ୍ରାମ ପରିକ୍ରମା ପରେ ବିଦ୍ୟାଳୟରେ ପହଞ୍ଚିଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଶ୍ରୀକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ମଢ଼େଇ, ମୁଖ୍ୟ ବକ୍ତା ଉପ ଜିଲାପାଳ ବାରିକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଥମ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାଥ ଗିରି ଓ ଗଜେନ୍ଦ୍ର ନାଥ କଟୁଆଳ, ବିଦ୍ୟାଳୟ ପରିଚାଳନା କମିଟିର ପ୍ରଥମ ସମ୍ପାଦକ କମଳାକାନ୍ତ ସଲଙ୍ଗି, ସୁବର୍ଣ୍ଣ ଜୟନ୍ତୀ କମିଟିର ସମ୍ପାଦକ ଅଜୟ କୁମାର ରାଉତ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଚିତ୍ତରଞ୍ଜନ ଦାଶ ବେଦମନ୍ତ୍ର ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା 'ସଙ୍ଗମ' ଉନ୍ମୋଚିତ ହୋଇଥିଲା। ଗୋବିନ୍ଦ ଚନ୍ଦ୍ର ରାଉତ ଅତିଥି ପରିଚୟ ଓ ଅନିରୁଦ୍ଧ ମହଲା ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟ ବକ୍ତା ଜିଲାମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ସମ୍ମାନିତ ଅତିଥି ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା, ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନା ଅଧ୍ୟକ୍ଷତା କରିଥିଲେ। ନୀଳଗିରି ମହିଳା ଡିଗ୍ରୀ କଲେଜର ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୧୨୦ ପିଲାଙ୍କୁ ଜଣେ ଶିକ୍ଷକ

## ଜୁଲାଇରୁ ଶିକ୍ଷକଶୂନ୍ୟ ହେବ ବିଦ୍ୟାଳୟ

କପ୍ତିପଦା,୧୦।୪(ବିଷ୍ଣୁ ଚରଣ ପୁଥାଳ)


ସାନଖଲାଡ଼ି ସଂସ୍କୃତ ବିଦ୍ୟାଳୟ।

କପ୍ତିପଦା ବ୍ଲକ ବଡ଼ଖଲାଡ଼ି ପଞ୍ଚାୟତ ଅନ୍ତର୍ଗତ ସାନଖଲାଡ଼ିଠାରେ ଥିବା ସଂସ୍କୃତ ବିଦ୍ୟାମନ୍ଦିରମ୍‌ରେ ଶିକ୍ଷକ ଅଭାବ ସମସ୍ୟା ଦେଖାଦେଇଛି। ୧୯୭୩ରେ ସ୍ଥାପିତ ଏହି ବିଦ୍ୟାଳୟଟି ପୂର୍ଣ୍ଣ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଭାବେ ବିବେଚିତ ହୋଇଥିଲା। ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ୧୨୦ ଜଣ ପିଲାଙ୍କୁ ମାତ୍ର ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏହି ବିଦ୍ୟାଳୟରେ ପୂର୍ବରୁ ଆଇଏ ସିଟି ଓ ବିଇଡି ଶିକ୍ଷକଙ୍କ ସହିତ ଜଣେ ମୁଖ୍ୟ ପଣ୍ଡିତ ଶିକ୍ଷକ ଓ ୩ଜଣ ପଣ୍ଡିତ ଶିକ୍ଷକଙ୍କୁ ମିଶାଇ ମୋଟ ୭ଜଣ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ସମୟକ୍ରମେ ବିଦ୍ୟାଳୟର ଶିକ୍ଷକମାନେ ଅବସର ନେବାପରେ ବର୍ତ୍ତମାନ କେବଳ ଜଣେ ମାତ୍ର ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ଜଣେ ଅଣଶିକ୍ଷକ କର୍ମଚାରୀ ଅଛନ୍ତି। ଏନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ବିଦ୍ୟାଳୟରେ ପୂର୍ବରୁ ଜିଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୧୭୦ଜଣ ପିଲା ହଷ୍ଟେଲରେ ରହି ପାଠ ପଢୁଥିଲେ। ମାତ୍ର ଶିକ୍ଷକ ଅଭାବ ହେତୁ ବିଦ୍ୟାଳୟରେ ପିଲା ସଂଖ୍ୟା ହ୍ରାସ ପାଇ ବର୍ତ୍ତମାନ ୧୨୦ରେ ପହଞ୍ଚିଲାଣି।

୬ ଜଣ ଶିକ୍ଷକ ଅବସର ନେବା ପରେ ସରକାରଙ୍କ ପକ୍ଷରୁ ଅତିଥି ଶିକ୍ଷକ ଭାବେ ୨ଜଣଙ୍କୁ ୧ ବର୍ଷିଆ ଚୁକ୍ତିରେ ନିଯୁକ୍ତି ଦିଆଯାଇଥିଲା। ତେବେ ସରକାରଙ୍କର ସେହି ଚୁକ୍ତି ଗତ ୩ମାସ ହେବ ସରିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଆଉ ନୂଆ ଚୁକ୍ତି ହୋଇନାହିଁ। ଏଥି ସହିତ ଆସନ୍ତା ଜୁଲାଇ ମାସ ୨୬ତାରିଖଠାରୁ ଶିକ୍ଷାଦାନ କରୁଥିବା ଜଣେ ମାତ୍ର ଶିକ୍ଷକ ମଧ୍ୟ ଅବସର ନେବେ। ଯାହା ଫଳରେ ବିଦ୍ୟାଳୟଟି ଶିକ୍ଷକ ଶୂନ୍ୟ ହୋଇଯିବ। ପୂର୍ବରୁ ଏଥିନେଇ ଅଞ୍ଚଳର ବୁଦ୍ଧିଜୀବି ଓ ବିଦ୍ୟାଳୟ ପକ୍ଷରୁ ଶିକ୍ଷା ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଫଳ ଶୂନ ହୋଇଛି। ସରକାର ତୁରନ୍ତ ଏହି ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ଦିଗରେ ପଦକ୍ଷେପ ନ ନେଲେ ବିଦ୍ୟାଳୟରେ ପାଠ ପଢୁଥିବା ଅନେକ ଗରିବ ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବା ଆଶଙ୍କା ପ୍ରକାଶ ପାଇଛି।

# ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ଠାକୁରମୁଣ୍ଡା,୧୦।୪(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡାସ୍ଥିତ ହେରିଟେଜ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଉପ ଜିଲାପାଳ ଡ.ଦୟାସିନ୍ଧୁ ପରିଡ଼ା, ମୁଖ୍ୟ ବକ୍ତା ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ କରଞ୍ଜିଆର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶରତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନିର୍ଦ୍ଦେଶକ ମନୋଜ କୁମାର ଜେନା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଚାରାରୋପଣ, ଏଡ୍‌ସ ସଚେତନତା କର୍ମଶାଳା

ବୈଶିଙ୍ଗା,୧୦।୪(ରତନ ଦାଶ)

ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଯୁବ ରେଡକ୍ରସ ଉଦ୍ୟମରେ ଏକ ଏଡ୍‌ସ ସଚେତନତା କର୍ମଶାଳା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ତଥା ଇଂରାଜୀ ବିଭାଗ ପ୍ରାଧ୍ୟାପକ ବୀରେନ୍ଦ୍ର କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଏଡ୍‌ସ ପରାମର୍ଶଦାତା ସନ୍ନ୍ୟାସୀ କୁମାର ଜେନା ବିଶେଷଜ୍ଞ ଭାବେ କର୍ମଶାଳାରେ ଯୋଗଦେଇ ଏଡ୍‌ସର ଭୟାବହତା, କାରଣ, ନିରାକରଣ ଓ ପ୍ରତିକାର ଉପରେ ସୂଚନା ଦେଇଥିଲେ। କଲେଜର ରେଡକ୍ରସ ମୁଖ୍ୟ ମହେନ୍ଦ୍ର କୁମାର କର ସଭାକାର୍ଯ୍ୟ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ବିଜୟ କୁମାର ତ୍ରିପାଠୀ, ହରେକୃଷ୍ଣ ବେହେରାଙ୍କ ସହ ସମସ୍ତ ଅଧ୍ୟାପିକା,ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ରେଡକ୍ରସ ଓ ରେଡ ରିବନ କ୍ଲବର ସେବଚ୍ଛାସେବୀ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୧୦୫ ୟୁନିଟ୍ ରକ୍ତ ସଂଗ୍ରହ


ଶିବିରରେ ଉପସ୍ଥିତ ଅତିଥିମାନେ।

ଝାରପୋଖରିଆ,୧୦।୪
(ସୁଧୀର କୁମାର ମହାନ୍ତ)

ଓଡ଼ିଆ ପକ୍ଷ–୨୦୨୬ ପାଳନ ଅବସରରେ ମୟୂରଭଞ୍ଜ ଜିଲା ଝାରପୋଖରିଆସ୍ଥିତ ସୀମାନ୍ତ ମହାବିଦ୍ୟାଳୟର +୩ ଜାତୀୟ ସେବା ଯୋଜନା ପକ୍ଷରୁ ଶୁକ୍ରବାର ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରହ୍ଲାଦ ଅଗସ୍ତିଙ୍କ ତତ୍ତ୍ୱାବଧାନରେ ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନରାଜା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ବିଜୟ କୃଷ୍ଣ ଦାସ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅନୀଲ କୁମାର ଝା, +୩ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଶରତ କୁମାର ପଡ଼ିଆରୀ, +୨ ଏନ୍‌ଏସ୍‌ଏସ୍ ବିଭାଗର ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ, ଅଧ୍ୟାପକ ବିଶ୍ୱନାଥ ମହାନ୍ତ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧ୍ୟାପକ ଲେଫ୍ଟନାଣ୍ଟ ନିହାର ରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରୁ ମୋଟ ୧୦୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବାରିପଦା ରକ୍ତ କେନ୍ଦ୍ରର ପରାମର୍ଶଦାତା ପାର୍ଥ ସାରଥୀ ମହାନ୍ତ , ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ଦାସ, ବାରିପଦା ରକ୍ତ କେନ୍ଦ୍ରର ନର୍ସିଂ ଅଫିସର ଛବି ମହାନ୍ତ, ଲାବୋରେଟରି ଟେକନିସିଆନ ସତ୍ୟଜିତ୍ ମହାନ୍ତ, ଶକୁନ୍ତଳା ମହାନ୍ତ ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହିତ ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ୟୁନିଟ ସହିତ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀର ଛାତ୍ରୀଛାତ୍ର ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରତିଶ୍ରୁତିରେ ଅଟକିଛି ଡାକ୍ତରଖାନାର ଉନ୍ନତୀକରଣ

ବୈଶିଙ୍ଗା,୧୦।୪ (ରତନ ଦାଶ)

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ସୀମାନ୍ତ ବୈଶିଙ୍ଗା ଠାରେ ଥିବା ଆଞ୍ଚଳିକ ଡାକ୍ତରଖାନାର ଉନ୍ନତୀକରଣ ପ୍ରତିଶ୍ରୁତିରେ ଅଟକିଛି। ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ୧୯୨୫ରେ ୫୦/୬୦ ଖଣ୍ଡ ମୌଜାର ଜନ ସାଧାରଣଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ସ୍ଥାପିତ ଏହି ଡାକ୍ତରଖାନା ଇତି ମଧ୍ୟରେ ଏହାର ଶତବାର୍ଷିକୀ ପାଳନ ସରିଛି। ସ୍ୱାଧୀନତାର ୭୯ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ସେଇ ଆଞ୍ଚଳିକ ଡାକ୍ତରଖାନାର ମାନ୍ୟତା ରହିଛି। ପାଖଆଖର ପ୍ରାୟ ୫୦ ହଜାର ଲୋକଙ୍କ ଜୀବନ ରେଖା କୁହାଯାଉଥିବା ଏହି ଡାକ୍ତରଖାନାରେ ରୋଗୀଙ୍କ ପାଇଁ ମୌଳିକ ସ୍ୱାସ୍ଥ୍ୟ ସୁବିଧା ଟିକକ ମିଳୁ ନ ଥିବା ଅଭିଯୋଗ ହେଉଛି। ଦୈନିକ ଓପିଡିରେ ୨୫୦ରୁ ଅଧିକ ରୋଗୀଙ୍କ ନାମ ପଞ୍ଜୀକରଣ ହେଉଥିବା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ବିକାଶ ନାୟକ ପ୍ରକାଶ କରିଛନ୍ତି। ମାତ୍ର ଅଧିକାଂଶ ରୋଗୀଙ୍କୁ ବାଲେଶ୍ୱର କିମ୍ବା ବାରିପଦା ଜରୁରୀ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରିବାକୁ ପଡୁଥିବା ଏବଂ ଏଭଳି ସ୍ଥିତିରେ ଅନେକ ଗୁରୁତର ରୋଗୀଙ୍କ ରାସ୍ତାରେ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି। ୧୮ନଂ. ଜାତୀୟ ରାଜପଥରେ ଘଟୁଥିବା ରାସ୍ତା ଦୁର୍ଘଟଣାରେ ଗୁରୁତର ବ୍ୟକ୍ତି ବିଶେଷଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଏଠାକୁ ହିଁ ଅଣାଯାଇଥାଏ।



ବୈଶିଙ୍ଗା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର।

ବୈଶିଙ୍ଗାଠାରେ ଏହି ଡାକ୍ତରଖାନା ସ୍ଥାପିତ ହେବାର ବହୁ ବର୍ଷ ପରେ ଆଖପାଖ ଅଞ୍ଚଳରେ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବେତନଟୀଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନା କରାଯାଇଛି। ମାତ୍ର ଭୌଗଳିକ ଦୃଷ୍ଟିକୋଣରୁ ଯଥେଷ୍ଟ ଗୁରୁତ୍ୱ ବହନ କରୁଥିବା ବୈଶିଙ୍ଗା ଡାକ୍ତରଖାନା ପ୍ରତି ପ୍ରଶାସନିକ ନଜର ପଡ଼ିଲା ନାହିଁ। ଫଳରେ ପ୍ରବଳ ଜନ ଅସନ୍ତୋଷ ପ୍ରକାଶ ପାଇଲା ଏବଂ ଆଞ୍ଚଳିକ ବିକାଶ ପରିଷଦ ନାମରେ ଏକ ସଙ୍ଗଠନ ଗଠନ କରାଯାଇ ଡାକ୍ତରଖାନାର ଉନ୍ନତି ପାଇଁ ସଂଘର୍ଷ ଆରମ୍ଭ ହେଲା। ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯିବା ସହ ଏକ ଟ୍ରମାକେୟାର ସେଣ୍ଟର ପ୍ରତିଷ୍ଠା ପାଇଁ ଦାବି ଉପସ୍ଥାପନ କରାଗଲା। ଦାବି ପୂରଣ ପାଇଁ ୨୦୨୩ ଅକ୍ଟୋବର ୨ ଗାନ୍ଧି ଜୟନ୍ତୀରୁ ଆରମ୍ଭ ହେଲା ରିଲେ ଅନଶନ କାର୍ଯ୍ୟକ୍ରମ। ଭାଗ ନେଇଥିଲେ ଶତାଧିକ ବୁଦ୍ଧିଜୀବୀ। ୧୨ ଦିନ ପରେ ତତ୍କାଳୀନ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କଠାରୁ ଡାକରା ପାଇ ଏକ ପ୍ରତିନିଧି ମଣ୍ଡଳୀ ଯାଇ ଭୁବନେଶ୍ୱରଠାରେ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ। ତୁରନ୍ତ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯିବ ବୋଲି ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ୨୦୨୧ ଅକ୍ଟୋବର ୨୬ରେ ତତ୍କାଳୀନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା ଓ ସେ ମଧ୍ୟ ଖୁବ ଶୀଘ୍ର ଏକ ଟ୍ରମାକେୟାର ସେଣ୍ଟର ସ୍ଥାପନ କରାଯିବ ବୋଲି କହିଥିଲେ। ସେହିଭଳି ୨୦୨୪ ନଭେମ୍ବର ୧୬ରେ ମୋହନ ମାଝୀଙ୍କ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୟୂରଭଞ୍ଜ ଜିଲା ଗସ୍ତ ସମୟରେ ବୈଶିଙ୍ଗାସ୍ଥିତ ଏହି ଶତାୟୁ ଚିକିତ୍ସା କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ଖୁବ ଶୀଘ୍ର ଏହାର ଉନ୍ନତୀକରଣ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।

ବଡ଼ସାହି ବିଧାୟକ ସନାତନ ବିଜୁଳି ପୂର୍ବ ସରକାର ସମୟରେ ଓ ନୂଆ ସରକାର ଗଠନ ହେବା ପରେ ମଧ୍ୟ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ତେବେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ୨୦୨୩ରେ ୫କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ସେଥିମଧ୍ୟରୁ ୨କୋଟି ମୂଲ୍ୟର ଏକ ବିଲ୍ଡିଂ ତିଆରି ଶେଷ ପର୍ଯ୍ୟାୟରେ। ଅବଶିଷ୍ଟ ୩ କୋଟି ଟଙ୍କା କେଉଁ କାର୍ଯ୍ୟରେ ଲାଗିଲା ତାର ହିସାବ ପ୍ରଶାସନ ପାଖରେ ନାହିଁ। ଏବେ ପାଚେରି ନିର୍ମାଣ ଚାଲିଛି ସତ ମାତ୍ର କିଏ କରୁଛି , କେଉଁ ଅନୁଦାନରୁ ହେଉଛି , ଖର୍ଚ୍ଚ ଅଟକଳର ସୂଚନା ଫଳକ ନାହିଁ। ଡାକ୍ତର ସମସ୍ୟା ବର୍ଷତମାମ ଲାଗି ରହିଛି। ଜଣେ ଆୟୁଷ ଡାକ୍ତର ଓ ଦୁଇଜଣ ଡାକ୍ତରଙ୍କ ମଧ୍ୟରୁ ଜଣେ ଉଚ୍ଚ ଶିକ୍ଷା ପାଇଁ ଯାଇଥିବା ବେଳେ ଆଉ ଜଣେ ଡେପୁଟେସନରେ ଅଛନ୍ତି।

ଆଞ୍ଚଳିକ ବିକାଶ ପରିଷଦର ସିଏଚ୍‌ସି ଓ ଟ୍ରମାକେୟାର ସେଣ୍ଟର ସ୍ଥାପନ ଦାବି ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.କିଶୋର କୁମାର ଆଚାର୍ଯ୍ୟଙ୍କୁ ପଚାରିବାରୁ ଯଦିଓ ବାସ୍ତବ କ୍ଷେତ୍ରରେ ଏହି ଚିକିତ୍ସାଳୟ ଖୁବ୍ ଗୁରୁତ୍ୱ ବହନ କରେ ତଥାପି ବର୍ତ୍ତମାନ ସୁଦ୍ଧା ସରକାରଙ୍କର ଏହାକୁ ନେଇ କୌଣସି ଯୋଜନା ନାହିଁ। ତେବେ ସେ ଏହାର ଉନ୍ନତୀକରଣ ପାଇଁ ସରକାରଙ୍କ ନିକଟରେ ବିଧିବଦ୍ଧ ଭାବେ ପ୍ରସ୍ତାବ ଉପସ୍ଥାପନ କରିବେ ବୋଲି ସେ କହିଛନ୍ତି।

